ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Vol.26 . No.183 Bhubaneswar Tuesday August 27 2024 | ୨୬ତମ ବର୍ଷ | ସଂଖ୍ୟା–୧୮୩ ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS

## ମମତାଙ୍କ 'ଦୁଷ୍କର୍ମ ପ୍ରସଙ୍ଗ' ଚିଠିର କଡା ଜବାବ ଦେଲା କେନ୍ଦ୍ର



ଭୁବନେଶ୍ୱର,୨୬।୮(ପି.ଏନ): କୋଲକାତା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ବ୍ୟାକଫୁଟରେ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ କଡା ଜବାବ ଦେଇଛନ୍ତି କେନ୍ଦ୍ର ସରକାର। ନିକଟରେ ସମଗ୍ର ଦେଶରେ ଘଟୁଥିବା ଦୁଷ୍କର୍ମ ଓ ହତ୍ୟା ଘଟଣାକୁ ନେଇ ମମତା ଚିନ୍ତା ପ୍ରକଟ କରିଥିଲେ। ସେ ଫାଷ୍ଟଟ୍ରାକ କୋର୍ଟ ଠାରୁ ଆରମ୍ଭ କରି ୧୫ ଦିନରେ ପୀଡିତାଙ୍କୁ ନ୍ୟାୟ ଦେବା ସପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଥିଲେ। ଏହି ଚିଠିର ଜବାବ ଆଜି କେନ୍ଦ୍ର ପକ୍ଷରୁ ଦିଆଯାଇଛି। କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ବେଙ୍ଗଲ ପାଇଁ ୧୨୩ଟି ଫାଷ୍ଟ ଟ୍ରାକ କୋର୍ଟର ବ୍ୟବସ୍ଥା କରାଯାଇଛି। ଦୁଷ୍କର୍ମ ଓ ଶିଶୁ ନିର୍ଯାତନାର ଶୁଣାଣି ପାଇଁ ଏତେ ସଂଖ୍ୟକ କୋର୍ଟଙ୍କୁ ମଞ୍ଜୁରୀ ଦିଆଯାଇଛି। କିନ୍ତୁ ସେଗୁଡିକ ମଧ୍ୟରୁ ଏଯାଏ ଅଧିକାଂଶ କୋର୍ଟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ମମତା ବାନାର୍ଜୀ ଗତ ସପ୍ତାହରେ ମୋଦିଙ୍କୁ ଚିଠି ଲେଖି ଦୁଷ୍କର୍ମକାରୀଙ୍କୁ ଦଣ୍ଡ ଦେବାକୁ ଗୋଟିଏ କଠୋର କେନ୍ଦ୍ରୀୟ ଆଇନର ପ୍ରଣୟନ କରିବାକୁ କହିଥିଲେ। ଏଥିସହ ଦୈନିକ ଦେଶରେ ୯୦ଟି ଦୁଷ୍କର୍ମ ଘଟଣା ଘଟୁଛି । ଅଧିକାଂଶ ମାମଲାରେ ପୀଡିତାଙ୍କୁ ହତ୍ୟା କରାଯାଉଛି ବୋଲି ଦିଦି ଚିଠିରେ ଲେଖିଥିଲେ।

### ଓଡିଶା ଆସୁଛନ୍ତି ଇଡ଼ି ନିର୍ଦ୍ଦେଶକ, ଗୁରୁତ୍ୱପୂର୍ଣ୍ଣ ବୈଠକରେ ହେବେ ସାମିଲ

ଭୁବନେଶ୍ୱର,୨୬।୮(ପି.ଏନ): ତିନିଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡ଼) ମୁଖ୍ୟ ରାହୁଲ ନବୀନ । ତାଙ୍କ ଗସ୍ତ ସମୟରେ ସେ ଗରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେବା ନେଇ କାର୍ଯ୍ୟକ୍ରମ ରହିଛି ।ସୂତ୍ରରୁ ପ୍ରକାଶ ମଙ୍ଗଳବାର ରାତି ୮ଟା ପାଖାପାଖି ଭୁବନେଶ୍ୱର ବିମାନ ବନ୍ଦର ପହଂଚିବେ । ଏହା ପରେ ସେ ପୁରୀ ଅଭିମୁଖେ ଗସ୍ତ କରିବେ । ଅଗଷ୍ଟ ୨୮କୁ ପୁରୀ ଶ୍ରୀମନ୍ଦିର ଦର୍ଶନ କରିବେ । ଅଗଷ୍ଟ ୨୯ରେ ପୁରୀରୁ ଭୁବନେଶ୍ୱର ଫେରି ଇଡି କାର୍ଯ୍ୟାଳୟରେ ହେବାକୁ ଥିବା ଏକ ଗରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେବେ । ଏହି ଦିନ ସମସ୍ତ କାର୍ଯ୍ୟକ୍ରମ ଶେଷ କରି ଅପରାହ୍ନ ୩ଟାରେ ଦିଲ୍ଲୀ ଫେରିଯିବେ ।

### ବିଳମ୍ବରେ ଅଫିସ ଆସିଲେ କନଷ୍ଟେବଲ; ଗରମ ପାଣି ଫିଙ୍ଗିଲେ ହାବିଲଦାର

ଭୁବନେଶ୍ୱର,୨୬।୮(ପି.ଏନ): ଅଗ୍ନିଶମ ବାହିନୀରେ କାର୍ଯ୍ୟରତ କନଷ୍ଟେବଲ ଉପରକୁ ଗରମ ପାଣି ଫିଙ୍ଗିଦେଲେ ହାବିଲଦାର। ଏପରି ଅଘଟଣ ଘଟିଛି ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଅଗ୍ନିଶମ କାର୍ଯ୍ୟାଳୟରେ। କାର୍ଯ୍ୟରତ କନଷ୍ଟେବଲ ଦୁଷ୍ମନ୍ତ ଦେହୁରୀଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ଅନୁସାରେ, ଗତକାଲି ଦୁଷ୍ମନ୍ତ ବିଳମ୍ବରେ ଅଫିସ ଆସିଥିଲେ। କାହିଁକି ଅଫିସ ବିଳମ୍ବରେ ଆସିଲ ବୋଲି ହାବିଲଦାର ନୂତନ ମଲ୍ଲିକ ଦୁଷ୍ମନ୍ତଙ୍କୁ ଗାଳିଗୁଲଜ କରିଥିଲେ। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ।ପରେ ଉତକ୍ଷିପ୍ତ ହୋଇ ହାବିଲଦାର ଦୁଷ୍ମନ୍ତଙ୍କ ଉପରେ ଗରମ ପାଣି ଫିଙ୍ଗି ଦେଇଥିଲେ। ତାଙ୍କ ଦୁଇ ଜଙ୍ଘ ଓ ଗୋଡରେ ଗରମ ପାଣି ପଡି ଚମ ଉଠିଯାଇଥିଲା। ସହକର୍ମୀମାନେ ଦୁଷ୍ମନ୍ତଙ୍କୁ ପ୍ରଥମେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ସଂପୃକ୍ତ ହାବିଲଦାର କିମ୍ବା ଅଗ୍ନିଶମ ବାହିନୀ ପକ୍ଷରୁ ପ୍ରତିକ୍ରିୟା ମିଳି ନାହିଁ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## କଙ୍ଗନାଙ୍କ ବୟାନଠୁ ଦୂରେଇଲା ବିଜେପି



ଭୁବନେଶ୍ୱର,୨୬।୮(ପି.ଏନ): ବିଜେପି ସାଂସଦ କଙ୍ଗନା ରାଣାଓ୍ୱତ କୃଷକ ଆନ୍ଦୋଳନ ଉପରେ ଦେଇଥିବା ଟିପ୍ପଣୀକୁ ନେଇ ଜବାବ ରଖିଛି ଦଳ। କଙ୍ଗନାଙ୍କ ମନ୍ତବ୍ୟଠୁ ବିଜେପି ସମ୍ପୂର୍ଣ୍ଣ ରୂପେ ନିଜକୁ ଦୂରେଇ ରଖିଛି। ଏନେଇ ଦଳ ଏକ ବିବୃତ୍ତି ଜାରି କରି କହିଛି, 'କଙ୍ଗନାଙ୍କ ଟିପ୍ପଣୀ ସମ୍ପୂର୍ଣ୍ଣ ବ୍ୟକ୍ତିଗତ। ଭବିଷ୍ୟତରେ ଏପରି ବିବୃତ୍ତିଠୁ ଦୂରେଇ ରହିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।' ବିଜେପି ବିବୃତ୍ତିରେ ଆହୁରି କୁହାଯାଇଛି ଯେ, କୃଷକ ଆନ୍ଦୋଳନ ଉପରେ ସାଂସଦ କଙ୍ଗନା ରାଣାଓ୍ୱତ ଦେଇଥିବା ବୟାନ ଦଳର ମତ ନୁହେଁ। ଭାରତୀୟ ଜନତା ପାର୍ଟି ତାଙ୍କ ବୟାନ ଉପରେ ଅସହମତି ବ୍ୟକ୍ତ କରୁଛି। କଙ୍ଗନା ରାଣାଓ୍ୱତଙ୍କୁ ଦଳ ପକ୍ଷରୁ ଏବଂ ଦଳର ନୀତିଗତ ପ୍ରସଙ୍ଗ ଉପରେ ନା କହିବାକୁ ଅନୁମତି ଦିଆଯାଇଛି ନା ସେ ଏ ଅଧିକାର ପାଇଛନ୍ତି।

## ବିଜେପିର ଜମ୍ମୁ-କଶ୍ମୀର ପ୍ରାର୍ଥୀ ଟ୍ୱିଷ୍ଟ: ପ୍ରତ୍ୟାହାର ପରେ ଆସିଲା ନୂଆ ଲିଷ୍ଟ



ଭୁବନେଶ୍ୱର,୨୬।୮(ପି.ଏନ): ଜମ୍ମୁ-କଶ୍ମୀର ନିର୍ବାଚନକୁ ନେଇ ଦ୍ୱନ୍ଦ୍ୱରେ ବିଜେପି। କାହାକୁ ଟିକେଟ୍ ଦେବ କାହାକୁ ଦେବନି, ତାକୁ ନେଇ ଦଳ ଭିତରେ ଚାଲିଛି କସରତ। ଏହାରି ଭିତରେ ପ୍ରଥମେ ପ୍ରାର୍ଥୀ ତାଲିକା ପ୍ରକାଶ କରି ପ୍ରତ୍ୟାହାର କରିନେବା ପରେ ପୁଣି ଥରେ ନୂଆ ତାଲିକା ପ୍ରକାଶ କରିଛି ଦଳ। ନୂଆ ତାଲିକାରେ କାଣ୍ଟଛାଣ୍ଟ କରି କେବଳ ୧୫ ଜଣଙ୍କୁ ଟିକେଟ୍ ଦେଇଛି ବିଜେପି। ପୂର୍ବରୁ ୪୪ ଜଣିଆ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଥିଲା ଦଳ। ତିନୋଟି ପର୍ଯ୍ୟାୟ ପାଇଁ ଦଳ ୧୦, ୧୫ ଓ ୧୯ କ୍ରମରେ ପ୍ରାର୍ଥୀ ଦେଇଥିଲା। ହେଲେ ଏହାର କିଛି ସମୟ ପରେ ଏହାକୁ ପ୍ରତ୍ୟାହାର କରିନେଇଥିଲା। ନୂଆ ତାଲିକାରେ କେବଳ ୧୫ ଜଣଙ୍କ ନାଁ ଅଛି। ଫଳରେ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ାଇଛି ଦଳ। ତେବେ ଏହା ପଛର କ'ଣ କାରଣ ଦଳ ସ୍ପଷ୍ଟ କରି ନାହିଁ।

## ଜାତୀୟ ଏକତାର ବାର୍ତ୍ତା ଦେଇ ଏପରି କହିଲେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ



ଭୁବନେଶ୍ୱର,୨୬।୮(ପି.ଏନ): ଜାତୀୟ ଏକତାର ବାର୍ତ୍ତା ଦେଇଛନ୍ତି ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ। ଆଗ୍ରାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, 'ଯଦି ଆମେ ବିଭାଜିତ ହେବା, ତେବେ ଆମେ ଖଣ୍ଡ ଖଣ୍ଡ ହୋଇଯିବା, ଯଦି ଆମେ ଏକଜୁଟ ହୋଇ ରହିବା, ତେବେ ସୁରକ୍ଷିତ ରହିବା।' ବାଂଲାଦେଶର ଉଦାହରଣ ଦେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, 'ଦେଶଠାରୁ କିଛି ବଡ଼ ହୋଇପାରେନା। ଯେତେବେଳେ ଆମେ ସମସ୍ତେ ଏକଜୁଟ ହେବା, ସେତେବେଳେ ରାଷ୍ଟ୍ର ଶକ୍ତିଶାଳୀ ହେବ। ଯଦି ଆମେ ଭାଗ ଭାଗ କରିବା ତେବେ ଆମେ ବିଭାଜିତ ହୋଇଯିବା। ବାଂଲାଦେଶରେ କଣ ହେଲା, ତାହା ଆମେ ସମସ୍ତେ ଦେଖିଲେ।'

## ହୀରାକୁଦର ୨୦ଟି ଗେଟ୍ ଦେଇ ନିଷ୍କାସିତ ହେଉଛି ବନ୍ୟାଜଳ



ସମ୍ବଲପୁର,୨୬।୮(ପି.ଏନ): ବିଭିନ୍ନ ରାଜ୍ୟରେ ପ୍ରବଳ ବର୍ଷା ଯୋଗୁ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏଥିମଧ୍ୟରେ ହୀରାକୁଦରୁ ବନ୍ୟାଜଳ ନିଷ୍କାସନ ପାଇଁ ୨୦ ଟି ଗେଟ୍ ଖୋଲାଯାଇଛି । ସକାଳ ୬ଟା ସୁଦ୍ଧା ଜଳସ୍ତର ୬୨୧.୭୭ ଫୁଟ ରେକର୍ଡ କରାଯାଇଥିଲା । ହୀରାକୁଦରେ ୩, ୧୦, ୩୨୬ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୩, ୫୪, ୫୧୧ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ଖଇରମାଳ, ବରମୂଳ ଓ ମୁଣ୍ଡଳୀରେ ବଢୁଛି ମହାନଦୀର ଜଳସ୍ତର ।

## ଲାଲ ସିଂ ଚଢ଼ା ପାଇଁ ଦେଇଥିବା ଅଡିସନ ସମୟର ଅନୁଭୂତି ବଖାଣିଲେ ରିୟା

ନୂଆଦିଲ୍ଲୀ,୨୬।୮(ପି.ଏନ): ଆଜିକାଲି ବଲିଉଡ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ ହେଡଲାଇନରେ ଅଛନ୍ତି। ତାଙ୍କ ବ୍ୟକ୍ତିଗତ ଜୀବନରେ ଏତେ ସମସ୍ୟାର ସାମ୍ନା କରିବା ପରେ ବି ସେ ପ୍ରତ୍ୟାବର୍ତ୍ତନ କରିଥିବାରୁ ସମସ୍ତେ ତାଙ୍କୁ ପ୍ରଶଂସା କରୁଛନ୍ତି । ରିୟା ନିଜର ଏକ ପୋଡକାଷ୍ଟ ଆଣିଛନ୍ତି ଯେଉଁଥିରେ ସେ ଅନେକ ବଡ ତାରକାଙ୍କ ସହ ସେମାନଙ୍କର ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ବିଷୟରେ କଥାବାର୍ତ୍ତା ହେଉଥିବା ଦେଖିବାକୁ ମିଳୁଛି । ଅଧ୍ୟାୟ ୨ ର ନୂଆ ଏପିସୋଡରେ ଆମୀର ଖାନ ଆସିଥିଲେ। ଯେଉଁଥିରେ ରିୟା ଖୁଲାସା କରିଥିଲେ ଯେ ସେ ଫିଲ୍ମ ଲାଲ ସିଂ ଚଢ଼ା ପାଇଁ ଅଡିସନ ଦେଇଥିଲେ । ରିୟା ଚକ୍ରବର୍ତ୍ତୀଙ୍କ ପୋଡକାଷ୍ଟରେ ଆମୀର ଖାନ କହିଛନ୍ତି ଯେ ଲାଲ ସିଂ ଚଢ଼ାର ଅଡିସନ ସମୟରେ ସେ ପ୍ରଥମ ଥର ପାଇଁ ରିୟାଙ୍କୁ ଭେଟିଥିଲେ। ରିୟାଙ୍କୁ ସେହି ଭୂମିକା ମିଳିନଥିଲା, କିନ୍ତୁ ଆମୀର ତାଙ୍କ ଅଭିନୟ ଦକ୍ଷତାକୁ ପ୍ରଶଂସା କରି ମେସେଜ୍ କରିଥିଲେ । ରିୟାଙ୍କ ସ୍କ୍ରିନ ଟେଷ୍ଟକୁ ଆମୀର ଖାନ ପସନ୍ଦ କରିଥିଲେ କିନ୍ତୁ କରୀନା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ପରେ, ଆମୀର ରିୟାଙ୍କୁ ମେସେଜ୍ କରିଥିଲେ, ଯାହା ଦେଖି ସେ ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ରିୟା କହିଛନ୍ତି ଯେ 'ଆପଣ ମୋତେ ଏକ ମେସେଜ ପଠାଇଥିଲେ । ଯାହା ମୋ ପାଇଁ ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଥିଲା । କାରଣ ମୁଁ ହଜାର ହଜାର ଚଳଚ୍ଚିତ୍ର ପାଇଁ ଅଡିସନ ଦେଇଛି କିନ୍ତୁ ଏହା ମୋ ସହିତ କେବେ ହୋଇ ନାହିଁ । ଯେତେବେଳେ ଜଣେ ଫିଲ୍ମ ପାଇବ ନାହିଁ କିନ୍ତୁ ନିର୍ମାତା–ନିର୍ଦ୍ଦେଶକ ମେସେଜ ଦିଅନ୍ତି ଏବଂ କୁହନ୍ତି – ତୁମର ଅଡିସନ ଭଲ ଥିଲା କିନ୍ତୁ ସତ୍ୟ ହେଉଛି ଆମେ ତୁମ ସହିତ ଆଗକୁ ବଢିପାରିବୁ ନାହିଁ କିନ୍ତୁ ତୁମେ ଭଲ କରିଛ ଏବଂ ମୁଁ ଚକିତ ହୋଇଗଲି । ମୁଁ ମୋ ମା ଏବଂ ବାପାଙ୍କୁ ମେସେଜ ଦେଖାଇ କହିଲି – ଦେଖ, ମୁଁ ଜଣେ ଭଲ ଅଭିନେତ୍ରୀ, ଆମୀର ଖାନ କହୁଛନ୍ତି ଯେ ମୁଁ ଜଣେ ଭଲ ଅଭିନେତ୍ରୀ । ଆମୀର କହିଛନ୍ତି– 'ମୁଁ ଭାବୁଛି ଯେତେବେଳେ ତୁମେ ଜଣେ ଅଭିନେତ୍ରୀ ଆଉ ସଂଘର୍ଷ କରୁଛ, କାରଣ ଯେତେବେଳେ ମୁଁ ଇଣ୍ଡଷ୍ଟ୍ରିରେ ନୂଆ ଥିଲି, ମୁଁ ଅନେକ ଅଡିସନ୍ ଦେଇଥିଲି ଏବଂ ସବୁଆଡେ ମୋତେ ମନା କରିଦିଆଯାଉଥିଲା । ମୁଁ ସେହି ଅନୁଭବ ବୁଝିପାରୁଛି ।

## ପୁଲିସ ନିକଟରେ ୨୫ ଦୁର୍ଦ୍ଦାନ୍ତ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୨୬।୮(ପି.ଏନ): ସୀମାନ୍ତ ଛତିଶଗଡର ବିଜାପୁର ପୁଲିସ ନିକଟରେ ୨୫ ଜଣ ହାର୍ଡକୋର ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ଉପରେ ମୋଟ ୨୯ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବିଜାପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ବସ୍ତର ରେଞ୍ଜର ଉଚ୍ଚାପଦଧିକାରୀଙ୍କ ଉପସ୍ଥିତିରେ ଏହି ୨୫ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ଲେଖାଏଁ ପୁରସ୍କାର ଘୋଷିତ ୩ ଜଣ ପିଏଲଜିଏ ସଦସ୍ୟ, ୩ ଲକ୍ଷ ଟଂକା ପୁରସ୍କାର ଘୋଷିତ ଡେପୁଟି କମାଣ୍ଡର, ୧ ଲକ୍ଷ ଲେଖାଏଁ ପୁରସ୍କାର ଘୋଷିତ ୨ ଜଣ ମାଓବାଦୀ ସମେତ ମୋଟ ୨୯ ଲକ୍ଷ ଟଂକା ପୁରସ୍କାର ଘୋଷିତ ମାଓବାଦୀ ରହିଛନ୍ତି।

## +୨ ବୋର୍ଡ ରେଜଲ୍ଟରେ ମିଶିପାରେ ନବମରୁ ଏକାଦଶ ଶ୍ରେଣୀର ମାର୍କ




ଭୁବନେଶ୍ୱର,୨୬।୮(ପି.ଏନ): ଏଣିକି +୨ ରେଜଲ୍ଟରେ ମିଶିପାରେ ନବମରୁ ଏକାଦଶ ପର୍ଯ୍ୟନ୍ତ ମାର୍କ। ଏନେଇ ଏକ ପ୍ରସ୍ତାବ ଦେଇଛି ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ (NCERT)। ରିପୋର୍ଟରେ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳାଫଳରେ ନବମ, ଦଶମ ଏବଂ ଏକାଦଶ ଶ୍ରେଣୀର ମାର୍କ ଅନ୍ତର୍ଭୁକ୍ତ କରିବାକୁ ପରିଷଦ ପରାମର୍ଶ ଦେଇଛି। ଛାତ୍ରଛାତ୍ରୀଙ୍କ ନବମ ଶ୍ରେଣୀରୁ ପ୍ରଦର୍ଶନ ସେମାନଙ୍କ +୨ ବୋର୍ଡ ରେଜଲ୍ଟକୁ ଯଥେଷ୍ଟ ପ୍ରଭାବିତ କରିବ ବୋଲି ପରିଷଦ କହିଛି। କିନ୍ତୁ ଏଥିରେ ପୂର୍ଣ୍ଣ ମାର୍କ ଯୋଗ କରାଯିବ ନାହିଁ। ନୂଆ ଢାଞ୍ଚା ଅନୁସାରେ, ପ୍ରତ୍ୟେକ ଶ୍ରେଣୀର ପରିକ୍ଷାଫଳର କିଛି ପ୍ରତିଶତ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳରେ ଯୋଗ କରାଯିବ। ରିପୋର୍ଟରେ ଦର୍ଶାଯାଇଛି ଯେ, ଚୂଡ଼ାନ୍ତ ମାର୍କରେ ନବମ ଶ୍ରେଣୀ ପରୀକ୍ଷା ଫଳରୁ ୧୫ ପ୍ରତିଶତ, ଦଶମ ଶ୍ରେଣୀରୁ ୨୦ ପ୍ରତିଶତ ଏବଂ ଏକାଦଶ ଶ୍ରେଣୀରୁ ୨୫ ପ୍ରତିଶତ ଏବଂ ଅବଶିଷ୍ଟ ୪୦ ପ୍ରତିଶତ +୨ ମାର୍କରୁ ନିଆଯିବ।

## ଆସିଲା 'ସୁଭଦ୍ରା' ଯୋଜନା ଗାଇଡଲାଇନ



ଭୁବନେଶ୍ୱର,୨୬।୮(ପି.ଏନ): ପ୍ରତିକ୍ଷାର ଅନ୍ତ । ଆସିଲା ସୁଭଦ୍ରା ଯୋଜନାର ଗାଇଡଲାଇନ୍ । ରାଜ୍ୟ ସରକାର ଜାରି କଲେ ସୁଭଦ୍ରା ଯୋଜନାର ଗାଇଡଲାଇନ୍ ।ଗାଇଡଲାଇନ ଅନୁସାରେ ଯୋଜନାରେ ସାମିଲ ହେବାକୁ ହେଲେ ହିତାଧିକାରୀ ଓଡ଼ିଶାର ବାସିନ୍ଦା ହୋଇଥିବା ଦରକାର । ହିତାଧିକାରୀଙ୍କ ବୟସ ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଅର୍ଥାତ ୨୧ ବର୍ଷରୁ କମ ଓ ୬୦ ବର୍ଷରୁ ଅଧିକ ବର୍ଷର ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ ।

ଗାଇଡଲାଇନ୍ ଅନୁସାରେ ଆଧାରକାର୍ଡରେ ଥିବା ଜନ୍ମ ତାରିଖକୁ ବୟସର ମାପକାଠି ଭାବେ ଗ୍ରହଣ କରାଯିବ । ସେହିପରି ହିତାଧିକାରୀଙ୍କ ବୟସ ୨୦୨୪ ଜୁଲାଇ ୧ ତାରିଖ ସୁଦ୍ଧା ୨୧ ବର୍ଷ ହୋଇଥିବା ଆବଶ୍ୟକ । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ଯୋଜ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ମହିଳା ଯୋଜନାରେ ଅନ୍ତର୍ଭୁକ୍ତ ହେବେ ।

କେଉଁମାନେ ସାମିଲ ହୋଇ ପାରିବେନି ?

୨୦୨୪ ଜୁଲାଇ ୧ ତାରିଖ ସୁଦ୍ଧା ୨୧ ବର୍ଷରୁ କମ ଏବଂ ୬୦ ବର୍ଷରୁ ଅଧିକ ବୟସର ମହିଳା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅଯୋଗ୍ୟ ବିବେଚିତ ହେବେ । ଯଦି କୌଣସି ମହିଳା ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କେ ?ଣସି ଯୋଜନାରେ (ପେନସନ ଓ ଛାତ୍ରବୃତ୍ତି) ମାସିକ ୧୫୦୦ କିମ୍ବା ବାର୍ଷିକ ୧୮ ହଜାରରୁ ଅଧିକ ଟଙ୍କା ପାଉଥିବେ ଏହି ଯୋଜନାରେ ସାମଲ ହୋଇପାରିବେ ନାହିଁ ।

କୌଣସି ମହିଳା ନିଜେ କିମ୍ବା ତାଙ୍କ ପରିବାରରେ କେହି ସଦସ୍ୟ ବର୍ତ୍ତମାନ ଓ ପୂର୍ବତନ ସାଂସଦ କି ବିଧାୟକ ହୋଇଥିବେ ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ । ମହିଳା ଯଦି ଆୟକର ଦେଉଥିବେ ତେବେ ସେ ଯୋଜନାରେ ସାମିଲ ହୋଇପାରିବେ ନାହିଁ । ପୌରାଞ୍ଚଳ ଓ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି (କେବଳ ୱାର୍ଡ ମେମ୍ବର ଓ ସ୍ଥାନୀୟ ଜିଲ୍ଲା ପରିଷଦ ସଦସ୍ୟ ବ୍ୟତୀତ), ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ ସୁଭଦ୍ରା ସହାୟତା ପାଇବେ ନାହିଁ। ସରକାରଙ୍କ ଦ୍ୱାରା ମନୋନୀତ ପ୍ରତିନିଧି, ୫ ଏକରରୁ ଅଧିକ ଜଳସେଚିତ ଜମି ଥିଲେ ଏବଂ ୧୦ ଏକରରୁ ଅଧିକ ଅଣ ଜଳସେଚିତ ଜମି ଥିଲେ ସହାୟତା ମିଳିବ ନାହିଁ । ଟ୍ରାକ୍ଟର, ମିନିଟ୍ରକ, ଛୋଟ ବାଣିଜ୍ୟିକ ଯାନ ଓ ଚାରି ଚକିଆ ଯାନ ଥିବା ମହିଳା ଏହି ଯୋଜନାରେ ସାମିଲ ହୋଇପାରିବେ ନାହିଁ ।

କେମିତି କରିବେ ଆବେଦନ ?

ଫର୍ମ ପୂରଣ କରି ଅଫଲାଇନରେ କିମ୍ବା ସୁଭଦ୍ରା ପୋର୍ଟାଲ ମାଧ୍ୟମରେ ଅନଲାଇନରେ ଆବେଦନ କରିପାରିବେ। ଅଙ୍ଗନଓ୍ୱାଡି କେନ୍ଦ୍ର, ବ୍ଲକ୍, ମୋ ସେବା କେନ୍ଦ୍ର, ସାଧାରଣ ସେବାକେନ୍ଦ୍ରଗୁଡିକରେ ମାଗଣାରେ ଫର୍ମ ମିଳିବ । ଫର୍ମ ପୂରଣ କରିବା ପରେ ଆବେଦନକାରୀଙ୍କୁ ମୋ ସେବାକେନ୍ଦ୍ର ଓ ସାଧାରଣ ସେବାକେନ୍ଦ୍ରରେ ଦାଖଲ କରିବାକୁ ପଡିବ । ଆବେଦନକାରୀଙ୍କ ଫର୍ମ ଓ ଆଧାରରେ କୌଣସି ଅସଙ୍ଗତି ଥିଲେ ଆଧାର କାର୍ଡ ସୂଚନାକୁ ଚୂଡ଼ାନ୍ତ ଧରାଯିବ । ଏହାକୁ ସରକାରଙ୍କ ପାଖରେ ସଦ୍ୟତମ ଉପଲବ୍ଧ ଡାଟାବେସ୍ ସହିତ ଯାଞ୍ଚ କରାଯିବ । ହିତାଧିକାରୀଙ୍କୁ ଋ–କଣଉ କରାଯିବ । ଫେସ୍ ଅଥେଣ୍ଟିକେସନ ମାଧ୍ୟମରେ ସୁଭଦ୍ରା ପୋର୍ଟାଲ କିମ୍ବା ସୁଭଦ୍ରା ମୋବାଇଲ ଆପ୍ ମାଧ୍ୟମରେ ଏହି e-KYC କରାଯିବ। ଆପଣଙ୍କ ମୋବାଇଲ ନମ୍ବର ଆଧାର ସହ ଲିଙ୍କ ହୋଇଥିବା ଦରକାର । ସେହିପରି ଆପଣଙ୍କ ବ୍ୟାଙ୍କ ଖାତା ଥିବା ଦରକାର । ଯଦି କୌଣସି ମହିଳାଙ୍କର ବ୍ୟାଙ୍କ ଖାତା ନଥିବ ତେବେ ତାଙ୍କୁ ବ୍ୟାଙ୍କ ଖାତା ଖୋଲିବାକୁ ପଡ଼ିବ ।

## ୮୦ କେଜି ସୁନା ଓ କ୍ୱିଣ୍ଟାଲରୁ ଅଧିକ ରୂପା ଜବତ, ମୁମ୍ବାଇରୁ ଆସିଥିଲା ଭୁବନେଶ୍ୱର

ଭୁବନେଶ୍ୱର,୨୬।୮(ପି.ଏନ): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇଣ୍ଟର ନ୍ୟାସନାଲ ବିମାନ ବନ୍ଦର ସୁନା ଚୋରା ଚାଲାଣର ଗୁଡ଼ ଓ୍ୱେ ପାଲଟିଛି କି ? ବିଭିନ୍ନ ସମୟରେ ବିମାନ ବନ୍ଦରରୁ ଚୋରା ଚାଲାଣ ବେଳେ ସୁନା ଓ ଅନ୍ୟ ମୂଲ୍ୟବାନ ଦ୍ରବ୍ୟ ଜବତ ହେଉଛି । ହେଲେ ଆଜି ଯେଉଁ ପରିମାଣରେ ସୁନା ଓ ରୂପା ଜବତ ହୋଇଛି ତାହା ବହୁ ପ୍ରଶ୍ନ ଛିଡା କରିଛି ।ଜାଣିଲେ ଆଶ୍ଚର୍ଯ୍ୟ ହେବେ, ମୁମ୍ବାଇରୁ ଭୁବନେଶ୍ୱର ଆସିଥିବା ୮୦ କେଜି ସୁନା ଓ ରୂପା ଜବତ କରାଯାଇଛି । ସିଟି ଜିଏସଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଏହି ସୁନା ଓ ରୂପା ଜବତ କରାଯାଇଛି । ଦୁଇଟି ଏଟିଏମ ଟଙ୍କା ଡିପୋଜିଟ୍ କଣ୍ଟେନର ମଧ୍ୟ ଜବତ କରିଛି ସିଟି ଜିଏସଟି ।ଜବତ ସୁନା ଓ ରୂପାର ଆନୁମାନିକ ମୂଲ୍ୟ ୩୦ କୋଟି ହେବ ବୋଲି ଜଣାପଡିଛି । ଭୁବନେଶ୍ୱର ଏୟାରପୋର୍ଟରୁ ଏତେ ପରିମାଣର ସୁନା ମିଳିଛି । ଓଡ଼ିଶାର ବିଭିନ୍ନ ସୁନା ଦୋକାନକୁ ଏହା ଯାଇଥାନ୍ତା । ଘଟଣାରେ ୪ ଜଣଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ଜିଏସଟି, ଇନଭଏସ, ଟ୍ୟାକ୍ସ ସହ ଓଜନ ଖାପ ଖାଉଛି କି ନାହିଁ ତା'ର ଯାଞ୍ଚ ଚାଲିଛି ।ତେବେ ଏହି ସୁନା ସଠିକ ଉପାୟରେ ବିଭିନ୍ନ ସୁନା ଦୋକାନୀଙ୍କ ଅର୍ଡର ଅନୁସାରେ ଆସିଛି କି ଚୋରା ଚାଲାଣ ହେଉଥିଲା ତାହାର ଯାଞ୍ଚ ଚାଲିଛି । ତେବେ ଏହା ଚୋରାଚାଲାଣ ବୋଲି ସନ୍ଦେହ କରାଯାଉଛି । କାରଣ ସୁନା ନେବାରେ ଏଟିଏମ୍ ଟଙ୍କା ଡିପୋଜିଟ୍ କଣ୍ଟେନର ବ୍ୟବହାର କରାଯିବା ଅନେକ ପ୍ରଶ୍ନ ଛିଡ଼ା କରିଛି ।ଯଦି ଏହା ଚୋରାଚାଲାଣ ହେଉଥିବ ତେବେ ଓଡ଼ିଶାରେ ଏତେ ପରିମାଣରେ ଚୋରାରେ ସୁନା, ରୂପା ଚାଲାଣ ବେଳେ ଧରାପଡିବା ହୁଏତ ପ୍ରଥମ ଘଟଣା ହୋଇପାରେ । ଆଉ ଭୁବନେଶ୍ୱର ବିମାନବନ୍ଦର ଦେଇ ଏହାକୁ ଅଣାଯିବା ମଧ୍ୟ ଚିନ୍ତାର କାରଣ ପାଲଟିଛି । କାରଣ ହାଇ ସିକ୍ୟୁରିଟ ଜୋନରେ ବିମାନ ବନ୍ଦର ଆସୁଥିବା ବେଳେ, ତନ ତନ ହୋଇ ଯାଞ୍ଚ ହେଉଥିଲେ ବି ଏତେ ପରିମାଣର ସୁନା ଓ ରୂପା ମୁମ୍ବାଇରୁ ଆସି ଭୁବନେଶ୍ୱରରେ ଲ୍ୟାଣ୍ଡ କରିବା ଯାଞ୍ଚ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଇଛି ।

## ମରୁଭୂମିରୁ ବାହାରକୁ ବାହାରି ନପାରି ପ୍ରାଣ ହରାଇଲେ ଦୁଇସାଙ୍ଗ

ନୂଆଦିଲ୍ଲୀ,୨୬।୮(ପି.ଏନ): ସାଉଦି ଆରବର ସବୁଠାରୁ ଦୁର୍ଗମ ଏବଂ ବିପଦପୂର୍ଣ୍ଣ ମରୁଭୂମି, ଯେଉଁଠାରେ ଦୂରଦୂର ପର୍ଯ୍ୟନ୍ତ କେବଳ ବାଲିବାଲି ହିଁ ଅଛି। ଏଠାରେ ଜଳ, ଗଛ, ଉଦ୍ଭିଦ ଏବଂ ଲୋକମାନଙ୍କର କୌଣସି ସନ୍ଧାନ ନଥାଏ ।ଏପରି ସ୍ଥାନରେ ତେଲେଙ୍ଗାନାର ମହମ୍ମଦ ଶହାଜାଦ ଖାନ ଏବଂ ତାଙ୍କର ସାଙ୍ଗ ମୃତ୍ୟୁ ହୋଇଥିବାର ଖବର ମିଳିଛି। ଏହି ଦୁଇସାଙ୍ଗ ମରୁଭୂମିର ଘୂର୍ଣ୍ଣିଝଡରେ ଏମିତି ଫସି ଯାଇଥିଲେ ଯେ ସେମାନେ ଆଉ ବାହାରକୁ ବାହାରିବା ପାଇଁ ବାଟ ପାଇ ନଥିଲେ ।ସୂଚନାଯୋଗ୍ୟ, କରିମନଗର ନିବାସୀ ମହମ୍ମଦ ଶହାଜାଦ ଖାନ ଯିଏକି ୩ବର୍ଷ ହେବ ସାଉଦି ଆରବରେ ଏକ ଟେଲିକମ କମ୍ପାନିରେ କାମ କରୁଥିଲେ। ନିକଟରେ ମହମ୍ମଦ ତାଙ୍କ ସାଙ୍ଗ ସହିତ ସାଉଦି ଆରବର ସବୁଠାରୁ ଦୁର୍ଗମ ଏବଂ ବିପଦପୂର୍ଣ୍ଣ ମରୁଭୂମିକୁ ବୁଲିବାକୁ ଯାଇଥିଲେ। ଏହି ମରୁଭୂକି ୬୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଦୁର୍ଗମ ଅଞ୍ଚଳ ପାଇଁ ଜଣାଶୁଣା। ଏହି ମରୁଭୂମିରେ ଫଶିଯିବା ପରେ ମହମ୍ମଦ ଓ ତାଙ୍କ ସାଙ୍ଗଙ୍କ ଜିପିଏସ ଫେଲ ହୋଇଯିବା ପରେ ବାଇକରୁ ତେଲ ବି ସରି ଯାଇଥିଲା। ଏମିତି କି ଦୁହିଁଙ୍କ ମୋବାଇଲରୁ ଚାର୍ଜ ସରି ସୁଇଜ ଅଫ ହୋଇଯାଇଥିଲା ।ଯେଉଁ କାରଣରୁ ଦୁଇସାଙ୍ଗ କାହାରି ସାହାଯ୍ୟ ନେଇ ପାରିଲେ ନାହିଁ କି ମରୁଭୂମିରୁ ବାହାରିବା ପାଇଁ ବାଟ ପାଇ ପାରିଲେ ନାହିଁ।






# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥେଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’ । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍କୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ । ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି । ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା । ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ । ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି । କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି । ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଲିଭିଯିବ କି ଇତିହାସ !





ସରକାର ଯେଉଁ ବିଦ୍ୟାଳୟରେ ୨୦ରୁ କମ୍ ପିଲା ଅଛନ୍ତି ସେହି ବିଦ୍ୟାଳୟଗୁଡ଼ିକୁ ବନ୍ଦ କରି ପାଖ ବିଦ୍ୟାଳୟରେ ସାମିଲ କରିଦେବା ପାଇଁ ଏକ ନିଷ୍ପତି କରିଥିଲେ। ଏହି ନିଷ୍ପତି ପରେ ୧୪୦୦୦ ବିଦ୍ୟାଳୟ ବନ୍ଦ ହେବା କଥା ଜଣାପଡ଼ିଥିଲା। ସରକାରଙ୍କ ଏଭଳି ନିଷ୍ପତିକୁ ସଚେତନ ନାଗରିକମାନଙ୍କର ବିରୋଧ ଜୋର ଧରିବାରୁ ସରକାର ଏକ ଅନ୍‌ଲାଇନ ଗ୍ରିଭାନ୍ସର ବ୍ୟବସ୍ଥା ତଥା ଯେଉଁ ଗାଁର ଲୋକମାନେ ଅଭିଯୋଗ କରିବେ ସ୍ଥାନୀୟ ବି.ଇ.ଓ. ଏହା ଉପରେ ଆଲୋଚନା କରି ନିଷ୍ପତି ନେବେ ବୋଲି ଘୋଷଣା କଲେ। ଏପର୍ଯ୍ୟନ୍ତ ଏହି ପ୍ରକ୍ରିୟାରେ ୪୦୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ଇତିହାସ ପୃଷ୍ଠାକୁ ବନ୍ଦ କରିଦିଆଯାଇଛି। ଆହୁରି ଅନେକ ବିଦ୍ୟାଳୟ ଆଗାମୀ ଭବିଷ୍ୟତରେ ବନ୍ଦ ହେବାର ବାଟ ଖୋଲି ଚାଲିଛି। ଆସନ୍ତୁ ଜାଣିବା ଏହିପରି ଏକ ବିଦ୍ୟାଳୟ ମୟୂରଭଞ୍ଜ ଜିଲ୍ଲା, ମୋରଡ଼ା ବ୍ଲକର ଭାଟଛତର ପ୍ରାଥମିକ ବଦ୍ୟାଳୟ ବିଷୟରେ। ୨୦୨୧ରେ ୨୦ ଜଣ ପିଲାକୁ ନେଇ ବଂଚି ଯାଇଥିଲା ଏହି ବିଦ୍ୟାଳୟ। ଭାଟଛତର ଓ ଚିକିଟାମାଟିଆ/ଡୁଗୁରୁ ସାହିର ଦୁଇଟି ଗାଁର କେନ୍ଦ୍ରବିନ୍ଦୁରେ ଗଢ଼ି ଉଠିଛି ଏହି ବିଦ୍ୟାଳୟ। ଦୁଇଟି ଗାଁରେ ମୋଟ ୮୧ ପରିବାର ବାସ କରନ୍ତି, ଲୋକସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୬ରୁ ୧୪ ବର୍ଷ ଭିତରେ ୮୨ ପିଲା ଥିବାବେଳେ ମାତ୍ର ସ୍ଥାନୀୟ ବିଦ୍ୟାଳୟରେ ପିଲାସଂଖ୍ୟା ମାତ୍ର ୧୭ ଜଣ। ୨୦୨୨ରେ ୨ଜଣ ଝିଅ ଓ ୧ ଜଣ ପୁଅ ଟିସି ନେଇ ପାଖ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ସ୍କୁଲ ମ୍ୟାନେଜମେଂଟ କମିଟିର ସଭାପତି ମନେନ୍ଦ୍ର ହାଂସଦା ପୁଅ ସିର୍ଜନ ହାଂସଦାର ଟି.ସି. ନେଇ ଆଶ୍ରମ ବିଦ୍ୟାଳୟରେ ନାମ ଲେଖାଇବାପରେ ଅନ୍ୟ ଦୁଇଜଣ ପିଲା ମଧ୍ୟ ଗଲେ ବୋଲି କହିଛନ୍ତି ଏହି ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗେଶ୍ୱର ମହାନ୍ତ। ବର୍ତମାନ ଶ୍ରେଣୀ ପ୍ରଥମରେ –୩ ଜଣ, ଦ୍ୱିତୀୟ ଶ୍ରେଣୀ – ୧ ଜଣ, ଶ୍ରେଣୀ ତୃତୀୟ- ୩ ଜଣ, ଚତୁର୍ଥ ଶ୍ରେଣୀ–୩ ଜଣ, ପଚଂମ ଶ୍ରେଣୀ–୭ ଜଣ ଏହିପରି ମୋଟ ୧୭ ଜଣ ଅଛନ୍ତି। ପଚଂମ ଶ୍ରେଣୀ ପିଲା ପାଶ କରିଗଲା ପରେ ପ୍ରଥମ ଶ୍ରେଣୀରେ ସେତିକି ପିଲା ଯଦି ନଆସିବେ ସ୍ୱାଧୀନତା ପାଇବାର ମାତ୍ର ଦୁଇବର୍ଷ ପରେ ୧୯୪୯ ମସିହାରେ ହୋଇଥିବା ବିଦ୍ୟାଳୟଟି ସବୁଦିନ ପାଇଁ ଇତିହାସର ସାକ୍ଷୀ ହୋଇ ରହିଯିବ। ଏହି ବିଦ୍ୟାଳୟଟି ସାନ୍ତାଳ ସମ୍ପ୍ରଦାୟର ଜଣେ ବ୍ୟକ୍ତି ନିଜ ଜମିକୁ ଅନ୍ୟଜଣକୁ ଦେଇ ନିଜ ପାଖ ଗାଁର ଜମିକୁ ବଦଳାଇ ୭୧ ଡ଼ିସିମିଲ ଜମିକୁ ବିଦ୍ୟାଳୟକୁ ଦାନ କରିଥିଲେ। ଏହାପରେ ଗଢ଼ି ଉଠିଥିଲା ଭାଟଛତର ବିଦ୍ୟାଳୟ। ଏଥିମଧ୍ୟରେ ଅନେକ ପିଲା ଏଠାରୁ ପଚଂମ ପାଶ କରିଛନ୍ତି। ଏହିମାନଙ୍କ ମଧ୍ୟରୁ ଜଣେ ବୈଜ୍ଞାନିକ ହୋଇ କାନାଡ଼ାରେ ଚାକିରି କରୁଥିବା ବେଳେ ଜଣେ ସଚିବାଳୟରେ ଅର୍ଥ ବିଭାଗରେ କାମ କରଥିବା ବେଳେ, ତିନିଜଣ ଜେଇ ଓ ପାଂଚଜଣ ଶିକ୍ଷକ ହୋଇଛନ୍ତି। ଏ ସବୁ ସତ୍ତ୍ୱେ ଏବେ ନିଜର ଅସ୍ତିତ୍ୱ ଖୋଜୁଛି ବିଦ୍ୟାଳୟ। ଏହି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଆଁ କରି ଜଗି ବସିଛନ୍ତି ୯ କି.ମି. ଦୂରରେ ଥବା ବ୍ରାହ୍ମଣମରା ସେବାଶ୍ରମ ବିଦ୍ୟାଳୟ, ୮ କିମି ଦୂରରେ ଥିବା ସୋଡ଼ା ସେବାଶ୍ରମ ଓ ଭାଲୁକୁଚୁଆ ଆଶ୍ରମ ବିଦ୍ୟାଳୟ।

ପ୍ରସଙ୍ଗ ହେଲା ଯେଉଁସବୁ ଜିଲ୍ଲା ମାନଙ୍କରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଅଛନ୍ତି ତାଙ୍କର ଏତେ ଛୋଟ ପିଲାଙ୍କୁ ଆଶ୍ରମ/ଆବାସିକ ବିଦ୍ୟାଳୟରେ ଛାଡ଼ିବା ପାଇଁ ଏତେ ତତ୍ପର କାହିଁକି? ପ୍ରକୃତରେ ଆଶ୍ରମ ବିଦ୍ୟାଳୟମାନଙ୍କରେ କ'ଣ ଅଧିକ ପାଠପଢ଼ା ହେଉଛି କି? କେବଳ ବାପା–ମାଆମାନେ ନିଜ ଦାୟିତ୍ୱରୁ ମୁକ୍ତି ପାଇବା ପାଇଁ ପଠାଉଛନ୍ତି କି? ନା ସେଠାରେ ଖାଇବା ଓ ଅନ୍ୟାନ୍ୟ ସୁବିଧା ମିଳୁଛି ବୋଲି ଅଭିଭାବକମାନେ ଇଚ୍ଛା କରୁଛନ୍ତି! ଯଦି ସରକାର ଗାଁ ପାଖରେ ବିଦ୍ୟାଳୟ ଖୋଲିଲେ ଏବଂ ସେଠାକାର ସ୍ଥିତିକୁ ମଜଭୁତ ନ କରାଯାଇ କାହିଁକି ପୁଣି ଆଶ୍ରମ ବିଦ୍ୟାଳୟ ଖୋଲାଯାଇ ସିଟ ସଂଖ୍ୟା ବଢ଼ାଯାଉଛି? ପ୍ରକାରାନ୍ତରେ ବିଦ୍ୟାଳୟଗୁଡ଼ିକ ବନ୍ଦ କରି ଆଉ ଶିକ୍ଷକ ନିଯୁକ୍ତି ନ ଦେଇ କମ୍ ଶିକ୍ଷକରେ ଅନେକ ପିଲାଙ୍କ ଏକ ଶିଫ୍ଟ ଚଲାଇବା ପାଇଁ ଚାହୁଁଛନ୍ତି ଯାହା ଅନୁମେୟ କରି ହୁଏ। ଏବଂ ଏହି ଗାଁଗୁଡ଼ିକୁ ବସ୍ ଚଲାଇ ପିଲାମାନଙ୍କୁ ଆଣିବାର ବ୍ୟବସ୍ଥା ଚଲାଇଛନ୍ତି କି? କିନ୍ତୁ ଯେଉଁମାନେ ପାହାଡ଼, ଝରଣା ଆଦି ଡ଼େଇଁ ଆସିପାରିବେ ନାହିଁ, ଯେଉଁ ପିଲାମାନେ ଘର



କାମ ବି ସମ୍ଭାଳୁଥିଲେ ଓ ବିଦ୍ୟାଳୟ ଆସୁଥିଲେ ସେମାନେ ବିଦ୍ୟାଳୟକୁ ଆସିବେ ନା ଚିରଦିନ ରହିଯିବେ, ତାହା ଆଜି ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛି। ବିଦ୍ୟାଳୟର କିଛି ପିଲାଙ୍କ ସହିତ କଥା ହେବାରୁ ଜଣାପଡ଼ିଲା ସୁପ୍ରିତା ମୁର୍ଦ୍ଧାଣ୍ଡ, ସନତ ହାଂସଦା, ବର୍ଷା ହାଂସଦା ପଂଚମ, ଏହି ପିଲାମାନେ ସ୍ୱଷ୍ଟ ଭାବରେ ବହି ପଢ଼ିପାରୁଛନ୍ତି ଓ ବୁଝିପାରୁଛନ୍ତି। ଏମାନଙ୍କ ମଧ୍ୟରୁ ବର୍ଷା ହାଂସଦାର ମାଆ ତାଙ୍କ ବାପାଙ୍କ ସହିତ ଝଗଡ଼ା ହୋଇ ବର୍ଷେ ହେଲାଣି ପଳେଇଛି। ଏବେ ଘରର ରୋଷେଇ, ତିନିବର୍ଷର ଭାଇର ସମସ୍ତ ଦାୟିତ୍ୱ ତାକୁ ବୁଝିବାକୁ ପଡ଼େ। କୌଣସିଦିନ ବିଦ୍ୟାଳୟକୁ ଆସିବା ବନ୍ଦ କରିନାହିଁ ବର୍ଷା। ପାଠ ଭଲ ପଢୁଛି। ବୃନ୍ଦାବତୀ କ୍ରିମକୁ ପଂଚମ, ଦୁଲି ହେମ୍ବ୍ରମ ଚତୁର୍ଥ, ଏମାନେ ବହି ପଢ଼ି ପାରୁନାହାଁନ୍ତି। ସେହିପରି ଝାଡ଼େଶ୍ୱର ମୁର୍ମୁ ଚତୁର୍ଥ ଶ୍ରେଣୀରେ ପଢ଼େ। ସେ ବହି ପଢ଼ି ପାରୁନାହିଁ କିନ୍ତୁ ଗଣିତରେ ଭଲ କରୁଛି। ପ୍ରତିଦିନ ନଦୀକୁ ଯାଇ ମାଛ ଧରେ। ସେ କାଳେ ହାତ ଓ ଜାଲ ମୁଣି ସାହାଯ୍ୟରେ ଭଲ ମାଛ ଧରିବାରେ ସାଙ୍ଗ ମାନଙ୍କ ଭିତରେ ଭାରି ଦକ୍ଷ। ବାଟୁଳି ମାରି ଗୋଟିଏ କପୋତ ପକ୍ଷୀ ମାରିଛି, ମୂଷାର ହିସାବ ନାହିଁ ତା ପାଖରେ କେତେ ମାରିଛି। ପିଲାମାନେ ନିଜ ଭିତରେ କଥାହେଲାବେଳେ ସାନ୍ତାଳି ଭାଷାରେ କଥା ହେଉଛନ୍ତି, ତାଙ୍କ ସାଧାରଣ ବର୍ଗର ସାଙ୍ଗ ଓ ସାର୍‌ଙ୍କ ସହିତ କଥାହେବା ବେଳେ ଓଡ଼ିଆରେ କଥା ହେଉଛନ୍ତି। କଥାବାର୍ତା ଚାଲୁଥିବା ବେଳେ ଖାଇବା ବେଲ୍ ବାଜିଲା ମୁଁ ବି ସାଙ୍ଗରେ ଚାଲିଲି, ପିଲାମାନେ ସାରଙ୍କୁ ଯାଇ ସାବୁନ ମାଗିଲେ, ସାର ସାବୁନ ଦେବାପରେ ପିଲାମାନେ ୭ଟି ଷ୍ଟେପ ଅନୁଯାୟୀ ହାତ ଧୋଇବା ଦେଖିଲି। ଭାତ ଡ଼ାଲି ଅଣ୍ଡା ଖାଇବା ଦେଖିଲି। ବର୍ଷା ଅଣ୍ଡା ନଖାଇ ମୁଣିରେ ପୁରାଇଲା। ମୁଁ ପଚାରିଲି ତୁମେ ଅଣ୍ଡା ଖାଉନ କାହିଁକି, କହିଲା ଭାଇ ପାଇଁ ନେବି। ସ୍କୁଲ ବନ୍ଦ ହେଲେ ଏ ପିଲାମାନେ ପାଠ ପଢ଼ିବାକୁ ସୁଯୋଗ ପାଇବେ ତ? ଯଦି ଆଶ୍ରମ ସ୍କୁଲରେ ପାଠ ପଢ଼ାଇବାର ଥିଲା ତାହାହେଲେ ଏତେ ବିଦ୍ୟାଳୟ ଖୋଲିଥିଲେ କାହିଁକି? ଆଶ୍ରମ ସ୍କୁଲରୁ ଯେଉଁ ପିଲାମାନେ ପାଠ ପଢ଼ି ଆସିବେ ସେମାନଙ୍କର ତାଙ୍କ ପରିବାର ପ୍ରତି କେତେ ଆବେଗିକ ଭାବପ୍ରବଣତା ରହିବ ତାହା ଗବେଷଣାସାପେକ୍ଷ। ଏଣୁ ଏବେବି ସମୟ ଅଛି, ସରକାର ଯଦି ଗାଁ ବିଦ୍ୟାଳୟକୁ ସରସସୁନ୍ଦର କରି ଗଢ଼ିତୋଳନ୍ତେ ଓ ବିଦ୍ୟାଳୟଗୁଡ଼ିକର ଶିକ୍ଷଣର ସ୍ତରକୁ ବଢ଼ାଇପାରନ୍ତେ ଯାହାଦ୍ୱାରା ଅନେକ ପିଲା ଉପକୃତ ହେବା ସହିତ ପିଲାଟି ନିଜ ସମାଜ ଭିତରେ ରହି ନିଜ ସମାଜରେ ଭଲ ମଣିଷ ହେବା ସହିତ ଦେଶ ପାଇଁ ଏକ ଭଲ ନାଗରିକ ହୋଇ ବାହାରିପାରନ୍ତା।

# ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଗତକାଲି ସକାଳେ ସ୍ଥାନୀୟ ପରମିଟ୍ ପଡିଆଠାରେ ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଉପସ୍ଥିତିରେ ଏକ କ୍ରୀଡା ପ୍ରତିଯୋଗୀ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଉଦ୍‌ଘାଟନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କ୍ରୀଡାକୁ ପ୍ରୋତ୍ସାହନ ଯୋଜନାରେ ଆୟୋଜିତ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ମାଧ୍ୟମରେ ତୃଣମୂଳସ୍ତରରୁ କ୍ରୀଡା ପ୍ରତିଭାମାନଙ୍କୁ ଚୟନ ସହ ସେମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରାଯାଉଅଛି ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପ୍ରକାଶ କରିଥିଲେ। ନିକଟରେ ବାଲେଶ୍ୱର ଜିଲ୍ଲାର ଖୋ ଖୋ ଖେଳାଳୀମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଜାତୀୟସ୍ତରରେ ସଫଳତା ଲାଭ କରିପାରିଛନ୍ତି। ଏହା ଜିଲ୍ଲା ତଥା ରାଜ୍ୟ ପାଇଁ ସୁନାମ ଆଣିପାରିଥିବା ବେଳେ ଆମ ଜିଲ୍ଲାରୁ ଯେଭଳି ଅଧିକରୁ ଅଧିକ କ୍ରୀଡାବିତ୍ ରାଜ୍ୟ ଓ ଜାତୀୟସ୍ତରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ ସେଥି ନିମନ୍ତେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା କ୍ରୀଡା ସଂଘ ସହଯୋଗରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନିରପେକ୍ଷ ଭାବେ ପ୍ରକୃତ ପ୍ରତିଭା ଚୟନ ନିମନ୍ତେ ସେ ବିଚାରକମଣ୍ଡଳୀକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନୀଲୁ ମହାପାତ୍ର ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀ ଅଧୀପ ଦାସ ଏବଂ ସାଧାରଣ ସମ୍ପାଦକ ଶ୍ରୀ ଅଭୟ ମହାପାତ୍ର ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କ୍ରୀଡା ପ୍ରତିଭା ଅନ୍ୱେଷଣରେ ଜିଲ୍ଲା କ୍ରୀଡା ସଂଘର ସହାୟତା ପ୍ରଦାନ କରିବା ନେଇ ନିଜର ବକ୍ତବ୍ୟ ରଖିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଯୁବ କ୍ରୀଡାବିତମାନେ ବହୁମାତ୍ରାରେ ଉତ୍ସାହିତ ହେବେ ବୋଲି ସେମାନେ କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚୟନ ହୋଇଥିବା କ୍ରୀଡାବିତ୍‌ମାନେ ରାଜ୍ୟସ୍ତରୀୟ ଶାରୀରିକ ଦକ୍ଷତା ଏବଂ କ୍ରୀଡା ଦକ୍ଷତା ପରୀକ୍ଷାରେ ଉତୀର୍ଣ୍ଣ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କ୍ରୀଡା ଛାତ୍ରାବାସଗୁଡିକରେ ରହିବା, ପାଠ ପଢିବା ଏବଂ କ୍ରୀଡା ଅଭ୍ୟାସ କରିବାର ସୁବିଧା ଲାଭ କରିପାରିବେ। ବାଲେଶ୍ୱର ଜିଲ୍ଲାରେ ଏହି କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜୁଲାଇ ୨, ୪ ଓ ୭ ତାରିଖ ଦିନ ବାଲେଶ୍ୱର ସହର ପରମିଟ୍ ପଡିଆଠାରେ ଅନୁଷ୍ଠିତ ହେଉଥିବା ବେଳେ ଜୁଲାଇ ୬ତାରିଖ ଦିନ ଏହା ସିମୁଳିଆ ସ୍ଥିତ ମାର୍କୋଣା ଆର.ଏନ.ହାଇସ୍କୁଲରେ ଅନୁଷ୍ଠିତ ହେବ। ଆଜି ଆଥଲେଟିକ ବିଭାଗରେ ସଟଲ ରନ, ୩୦ମିଟର ରନ୍, ଫରୱାର୍ଡ ବ୍ୟାଣ୍ଡ ଏଣ୍ଡ ରିଚ୍, କ୍ରିକେଟ ବଲ ଥ୍ରୋ ଇତ୍ୟାଦି ମାଧ୍ୟମରେ କ୍ରୀଡାବିତ୍‌ମାନଙ୍କ ଶାରୀରିକ ଦକ୍ଷତାର ପରୀକ୍ଷଣ ହୋଇଥିବା ବେଳେ ଆସନ୍ତା ୪ତାରିଖ ଦିନ କବାଡି ଖେଳ ମାଧ୍ୟମରେ ସେମାନଙ୍କ ଶାରୀରିକ ଓ କ୍ରୀଡା ଦକ୍ଷତାର ପରୀକ୍ଷଣ କରାଯିବ। ସେହିପରି ଆସନ୍ତା ୬ତାରିଖ ଦିନ ଭଲିବଲ ଏବଂ ୭ତାରିଖ ଦିନ ଭାରୋତଳନରେ କ୍ରୀଡାବିତ୍‌ମାନଙ୍କ ଶାରୀରିକ ଓ କ୍ରୀଡା ଦକ୍ଷତାର ପରୀକ୍ଷଣ କରାଯିବ। ଏଭଳି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଦ୍ୱାରା ସବୁ ବର୍ଗର କ୍ରୀଡା ପ୍ରତିଭାମାନେ ସେମାନଙ୍କ ଦକ୍ଷତା ବୃଦ୍ଧି ସହ ରାଜ୍ୟ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ପାଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା ଉଦଘାଟନୀ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

—ସାମାଜିକ ମଙ୍ଗଳ ପାଇଁ ଜୀବନ ଅଭିପ୍ରେତ—

# ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ଜୟନ୍ତୀ



ଖୋର୍ଦ୍ଧା (ପିଏନ୍): ବିଶିଷ୍ଟ ଶିକ୍ଷାବିତ୍, ସମାଜସେବୀ ତଥା କଳିଙ୍ଗ ପାଇକ ସଂଗଠନର ଉପଦେଷ୍ଟା ଭୀମସେନ ପ୍ରଧାନଙ୍କ ୮୨ ତମ ଜୟନ୍ତୀରେ ସଂଗଠନ ପକ୍ଷରୁ ତାଂକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ନିରାଡ଼ମ୍ବର କାର୍ଯ୍ୟକ୍ରମରେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ସଭାପତିତ୍ୱ କରି ଶ୍ରୀଯୁକ୍ତ ପ୍ରଧାନଙ୍କୁ ସଂଗ୍ରାମ ଓ ସ୍ୱାଭିମାନର ସଚ୍ଚା ମଣିଷ ଭାବେ ବର୍ଣ୍ଣନା କରିଥିଲେ। ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ପାଇକ ବିଦ୍ରୋହକୁ ମାନ୍ୟତା ଦେବା ଏବଂ ବରୁଣେଇରେ ପାଇକ ସ୍ମାରକୀ ସ୍ଥାପନ ପାଇଁ ତାଂକର ବଳିଷ୍ଠ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଶ୍ରୀ ବଳିଆରସିଂହ ମତ ଦେଇଥିଲେ। ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀଯୁକ୍ତ ପ୍ରଧାନ କହିଥିଲେ ଯେ, ମଣିଷ ଜୀବନ କେବଳ ବ୍ୟକ୍ତିଗତ ଉପଲବ୍ଧି ପାଇଁ ନୁହେଁ, ଏହା ସାମାଜିକ ମଙ୍ଗଳ କାର୍ଯ୍ୟରେ ଉପଯୋଗ ହେବା ଉଚିତ। ନିଜ ଜୀବନରେ ସେ ସେୟା ହିଁ କରିଆସିଛନ୍ତି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କଳିଙ୍ଗ ପାଇକ ସଂଗଠନର ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଆମରି ସତ୍ୟର ପ୍ରତିଷ୍ଠାତା ଡ. ପ୍ରମୋଦ ଦାଶ, ସ୍ତଂଭକାର ସମରେନ୍ଦ୍ର ବଳିଆରସିଂହ, ଧରଣୀଧର ଛୋଟରାୟ ପ୍ରମୁଖ ଉପସ୍ଥିତ ରହି ତାଙ୍କର ବହୁମୁଖୀ ଗୁଣାବଳି ସମ୍ପର୍କରେ ଆଲୋକପାତ କରିଥିଲେ। ଖୋର୍ଦ୍ଧାର ସର୍ବବିଧ ଉନ୍ନତି ସହ ଶୈକ୍ଷିକ, ସାମାଜିକ ତଥା ସାଂସ୍କୃତିକ ଜୀବନରେ ଶ୍ରୀଯୁକ୍ତ ପ୍ରଧାନଙ୍କ ଉପସ୍ଥିତି ନୂତନ ପିଢିକି ବଳ ଯୋଗାଇଛି ବୋଲି ବକ୍ତାମାନେ ମତ ଦେଇଥିଲେ। ୧୯୩୯ ମସିହା ଶ୍ରୀଗୁଣ୍ଡିଚା ତିଥିରେ ବାଣପୁର ପଞ୍ଚୁଗାଁରେ ଜନ୍ମିତ ଶ୍ରୀଯୁକ୍ତ ପ୍ରଧାନ ସିଟି ସ୍କୁଲରେ ଶିକ୍ଷକତା ପରେ ଖୋର୍ଦ୍ଧା ବକ୍ସି ଜଗବଂଧୁ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରି ଛାତ୍ର, ଶିକ୍ଷକ ତଥା ଅଭିଭାବକ ମହଲରେ ବେଶ୍ ଲୋକପ୍ରିୟ ହୋଇଥିଲେ। ଗଜପତି ଓ ଭୁବନେଶ୍ୱର ଶିକ୍ଷା ଜିଲା ନିରୀକ୍ଷକ ଭାବେ କାର୍ଯ୍ୟ କରି ଶିକ୍ଷା ପ୍ରଶାସନକୁ ଶୃଙ୍ଖଳିତ ଓ ବ୍ୟବସ୍ଥିତ କରିପାରିଥିଲେ। ପିଲାଙ୍କ ପାଇଁ ପ୍ରସ୍ତୁତ ହେଉଥିବା ପାଠ୍ୟପୁସ୍ତକଗୁଡ଼ିକର ସେ ଥିଲେ ଅନ୍ୟତମ ଲେଖକ। ମହାଭାରତର ଦ୍ୱିତୀୟ ପାଣ୍ଡବ ଭୀମଙ୍କ ଭଳି ତାଙ୍କର ଶରୀର କି ଉଚ୍ଚତା ନାହିଁ, କିନ୍ତୁ ମନୋବଳରେ ସେ ହେଉଛନ୍ତି ଭୀମ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ପ୍ରଧାନଙ୍କ ସହଧର୍ମିଣୀ ସମାଜସେବୀ ସୁଷମା ପ୍ରଧାନ ସ୍ୱାମୀଙ୍କ ଜୀବନ ସଂଘର୍ଷ ସମ୍ପର୍କରେ ଆଲୋକପାତ କରିଥିଲେ।

# ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳର ବାର୍ଷିକ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ଗୁରୁକୁଳର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକବାଦୀ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ କୃଷ୍ଣଦେବ ଶାସ୍ତ୍ରୀ ମୁଖ୍ୟଅତିଥି, ଖୋର୍ଦ୍ଧା ଜିଲ୍ଲା ପାତଞ୍ଜଳୀ ଯୋଗ ସମିତିର ପ୍ରଭାରୀ ସୀତାକାନ୍ତ ପଣ୍ଡା ମୁଖ୍ୟବକ୍ତା, ଜିଲ୍ଲା ପାତଞ୍ଜଳୀ ଯୋଗ ସମିତିର ଗ୍ରାମୀଣ ପ୍ରଭାରୀ ଦୁଃଶାସନ ସ୍ୱାଇଁ, ସମାଜସେବୀ ଭିକାରୀ ଚରଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବୈଦିକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ସଂସ୍କାର ଆଣିବାରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ତିନିଦିନ ଧରି ଚାଲିଥିବା ଗୃହିତ ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରାଯାଇ ସମାପନ ହୋଇଥିଲା। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ଶାସ୍ତ୍ରୀ ସଂଯୋଜନା କରିଥିବା ବେଳେ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବପାତ, ଲଘୁଚାପ ଓ ପାଣିପାଗ ଆକଳନ

ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଅବପାତରେ ପରିଣତ ହୋଇଛି। ଏହା ଓଡ଼ିଶା ଉପକୂଳ ୨୦.୮ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫.୬ ଡିଗ୍ରୀ ପୂର୍ବ ଦ୍ରାଘିମା ନିକଟରେ ଭୁବନେଶ୍ୱରଠାରୁ ଉତ୍ତର-ଉତ୍ତର ପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ହୋଇଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦୁର୍ବଳ ହେବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିଯୋଗୁଁ ଆସନ୍ତା ୧୨ଘଣ୍ଟା ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ରେଡ଼ୱାର୍ଣ୍ଣିଂ ଜାରି କରାଯାଇଛି।

ମୌସୁମୀ ୪ ମାସର ପ୍ରଥମାର୍ଦ୍ଧ ଶେଷ ହୋଇଛି। ସୋମବାର ଆଇଏମଡ଼ି ପକ୍ଷରୁ ଶେଷାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ମୌସୁମୀ ଆକଳନ ଜାରି କରାଯାଇଛି। ବିଭାଗ ପକ୍ଷରୁ ଅଗଷ୍ଟ ମାସ ପାଇଁ ଜାରି ହୋଇଥିବା ଆକଳନରେ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଯାହାକୁ ରାଜ୍ୟବାସୀ ଗ୍ରହଣ କରିବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କାରଣ ଦୁଇ ମାସ ହେବ ଆଇଏମଡି ପକ୍ଷରୁ ଓଡ଼ିଶା ପାଇଁ କରାଯାଉଥିବା ମୌସୁମୀ ଆକଳନ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହେଉଥିବାର ଖବର ପ୍ରକାଶ ପାଉଛି। ଜୁନ ଓ ଜୁଲାଇ ମାସ ପାଇଁ ଆଇଏମଡି ଯେଉଁ ଆକଳନ କରିଥିଲା ମୌସୁମୀ ଏହାର ଓଲଟା ଆଚରଣ ଦେଖାଯାଇଛି। ତେଣୁ ଅଗଷ୍ଟ-ସେପ୍ଟେମ୍ବର ପାଇଁ ବିଭାଗ ଜାରି କରିଥିବା ଆକଳନ କେତେକାଂଶରେ ସତ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଜ୍ଞାନପ୍ରଦତ୍ତ କାରଣ ହେଉଛି ବାୟୁମଣ୍ଡଳରେ ଶୀଘ୍ର ପରିବର୍ତ୍ତନ ହେତୁ ପାଣିପାଗ ଆକଳନ କରିବା କଷ୍ଟକର ହୋଇପଡୁଛି। ଯାହାକି ପୂର୍ବାନୁମାନରେ କଷ୍ଟସାଧ ହେଉଛି। ତେବେ କିଛି ମଡେଲକୁ ଛାଡ଼ିଦେଲେ ଅନ୍ୟମାନେ ବାରମ୍ବାର ନିଜର ମତ ବଦଳାଉଛନ୍ତି। ଯାହାଦ୍ୱାରା ଆକଳନକାରୀଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ତେଣୁ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ କରିବା ଆବଶ୍ୟକ ହୋଇଛି। ସେହିପରି ମଡେଲଗୁଡ଼ିକ ଚଳାଇବା ପାଇଁ ଭାରତର ବିଭିନ୍ନ ସ୍ଥାନରୁ ତଥ୍ୟ ଦରକାର ପଡୁଛି। ଏହି ତଥ୍ୟକୁ ଆଧାର କରି ସବୁ ମଡେଲ ଆକଳନ ଜାରି କରୁଛନ୍ତି। ବିଦେଶୀ ମଡେଲ ମଧ ଭାରତଠାରୁ ସଂଗୃହିତ ତଥ୍ୟ ଗ୍ରହଣ କରି ଆକଳନ ଜାରି କରୁଛନ୍ତି। ମାତ୍ର ଏହି ଗୋଳମାଳିଆ ଓ ଭୁଲ ତଥ୍ୟ ଯୋଗୁଁ ବିଦେଶୀ ସଂସ୍ଥା ଭୁଲ ଆକଳନ କରୁଛନ୍ତି। ଭାରତୀୟ ପାଣିପାଗ ବିଭାଗ ସଂପୂର୍ଣ୍ଣ ଭାବେ ବିଦେଶୀ ମଡ଼େଲ ଉପରେ ନିର୍ଭର କରୁଥିବାରୁ ସଠିକ ଆକଳନରେ ସମସ୍ୟା ସୃଷ୍ଟି ହେଉଛି। ସମାନ ଭାବେ ସଠିକ ଆକଳନ ପାଇଁ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବେଲୁନ ଛଡ଼ାଯାଇଥାଏ। ବାୟୁମଣ୍ଡଳର ସ୍ଥିତି ଜାଣିବାକୁ ଏହି କାର୍ଯ୍ୟ କରାଯାଏ। ମାତ୍ର ତାହା ମଧ କ୍ରମାଗତ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି। ଆମେରିକାର 'ଜେଟିଡବ୍ଲୁସି' ଭଳି ସଂସ୍ଥା ମଧ୍ୟ ନିଜ କଥାରେ ଦୃଢ଼ ଭାବେ ରହି ନପାରି ବାରମ୍ବାର ମତ ପରିବର୍ତ୍ତନ କରୁଛି।

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧୬ ତାରିଖରେ ଓଡ଼ିଶା ଛୁଇଁଥିଲା। ଜୁନରେ ମାସରେ ରାଜ୍ୟରେ ୨୧୭.୭ ମିଲିମିଟର ବର୍ଷା ହେଲେ ଏହାକୁ ସ୍ୱାଭାବିକ ବର୍ଷା ବୋଲି ଧରାଯାଏ। ଏହି ଆଧାରରେ ଜୁନ ମାସରେ ରାଜ୍ୟରେ ସ୍ୱାଭାବିକଠାରୁ ବର୍ଷାର ପରିମାଣ ଅଧିକ ରହିବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଥିଲା। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ହୋଇଥିଲା। ମୌସୁମୀ ଓଡ଼ିଶା ଛୁଇଁବା ପରେ ବିଶେଷ ସକ୍ରିୟ ହୋଇପାରି ନଥିଲା। ମୁଖ୍ୟତଃ ଜୁନରେ ଗୋଟିଏ ବି ଲଘୁଚାପ ହୋଇ ନଥିବା ଯୋଗୁଁ ରାଜ୍ୟରେ ବର୍ଷା ବଢ଼ି ନଥିଲା। ଜୁନ ଶେଷ ସୁଦ୍ଧା ରାଜ୍ୟରେ ମାତ୍ର ୧୩୧.୩ ମିମି ବର୍ଷା ହେବା ସହ ଏହା ସ୍ୱାଭାବିକଠାରୁ ୩୭ ପ୍ରତିଶତ କମ ରହିଥିଲା। ଜୁନ ଶେଷ ହେବା ପରେ ବିଭାଗ ପକ୍ଷରୁ ପୁଣି ଜୁଲାଇ ମାସ ପାଇଁ ମୌସୁମୀ ଆକଳନ କରାଯାଇ ରାଜ୍ୟରେ ଜୁଲାଇ ମାସରେ ବର୍ଷା କମିବା ସହିତ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି କୁହାଯାଇଥିଲା। ମାତ୍ର ଏଥିରେ ବି ଆଇଏମଡିକୁ ଝଟକା ଲାଗିଛି। ଜୁଲାଇ ମାସରେ ଦୁଇଟି ଲଘୁଚାପ ହେବା ସହ ଭଲ ବର୍ଷା ହୋଇଥିଲା। ସାଧାରଣତଃ ଜୁଲାଇ ମାସରେ ୩୪୪.୬ ମିମି ବର୍ଷା ହେଲେ ଏହାକୁ ସ୍ୱାଭାବିକ କୁହାଯାଉଥିବା ବେଳେ ଗତ ଜୁଲାଇ ମାସରେ ରାଜ୍ୟରେ ଏହାଠାରୁ ଅଧିକ ଅର୍ଥାତ୍ ୩୭୭ ମିମି ବର୍ଷା ରେକର୍ଡ଼ ହୋଇଛି।

# ଦୁର୍ଘଟଣା ଜୋନ୍ ପାଲଟିଛି ଜାରକା ସିନେମା ହଲ୍ ଡାଇଭର୍ସନ୍

ଧର୍ମଶାଳା (ପିଏନ୍): ଦୁର୍ଘଟଣା ଜୋନ୍ ପାଲଟିଛି ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଜାରକା ସିନେମା ହଲ ସମ୍ମୁଖ ଡାଇଭର୍ସନ୍। ରାଜପଥ ସଂପ୍ରସାରଣ ପାଇଁ ଦୀର୍ଘଦିନ ହେଲା ଏଠାରେ ଏକ ଡାଇଭର୍ସନ୍ କରାଯାଇଛି। ଠିକାସଂସ୍ଥା ଏନେଇ ଆବଶ୍ୟକ ଅନୁଯାୟୀ ସୂଚନା ଦେଇନାହିଁ। ଫଳରେ ଅନେକ ସମୟରେ ଦୁର୍ଘଟଣା ଘଟି ବହୁ ଧନଜୀବନ ନଷ୍ଟ ହେଉଛି। ନିୟମାନୁସାରେ ଡାଇଭର୍ସନ୍ ନିକଟରେ ରାସ୍ତା ବନ୍ଦ କରାଯାଇ ସ୍ୱଷ୍ଟ ରେଡ଼ିୟମ ସୂଚନା ଫଳକ ଲଗାଯିବା କଥା। ହେଲେ ଏଠାରେ କେତୋଟି କଂକ୍ରିଟ୍ ରୋଡ୍ ବ୍ରେକର ରଖାଯାଇ ଦ୍ୱାୟିତ୍ୱ ସାରି ଦିଆଯାଇଛି। ବିଶେଷ କରି ବିଳମ୍ବିତ ରାତିରେ ଦ୍ରୁତ ଗତିରେ ଆସୁଥିବା ଗାଡ଼ିଗୁଡ଼ିକ ଡାଇଭର୍ସନ୍ ଜାଣି ନପାରି ଏଠାରେ ଦୁର୍ଘଟଣାର ଶିକାର ହେଉଛନ୍ତି। କିଛିଦିନ ତଳେ ବିଳମ୍ବିତ ରାତିରେ



ଏକ ମାଲ୍ ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି। ଟ୍ରକଟି କୋଲକତା ଅଭିମୁଖେ ଯାଉଥିବା ବେଳେ ଡାଇଭର୍ସନ୍ ଜାଣି ନପାରି ରାସ୍ତା ପାର୍ଶ୍ୱ ଡ୍ରେନ୍ ଉପରେ ଚଢିଯାଇ ଓଲଟି ପଡିଥିଲା। ଏଥିରେ ଟ୍ରକ୍ ଡ୍ରାଇଭର ଓ ହେଲପର ଆହତ ହୋଇଛନ୍ତି। ସେହିପରି ନିକଟଅତୀତରେ ଏକ କାର୍ ଡାଇଭର୍ସନ୍ ଜାଣି ନପାରି ଦୁଇଟି କଂକ୍ରିଟ୍ ରୋଡ୍ ବ୍ରେକରକୁ ପ୍ରାୟ ଶହେ ଫୁଟ୍ ପର୍ଯ୍ୟନ୍ତ ଘୋଷାରି ନେଇ ନିକଟସ୍ଥ ରାସ୍ତା ବାଡ଼ାରେ ପିଟି ହୋଇଯାଇଥିଲା। ଏଥିରେ ଖଡ଼ଗପୁର ଯାଉଥିବା ୫ଜଣ ଯାତ୍ରୀ ଆହତ ହୋଇଥିଲେ। ଏ ସଂପର୍କରେ ଅଭିଯୋଗ ହେବା ପରେ ଠିକାସଂସ୍ଥା ଏଠାରେ କିଛି ଚିପ୍ସ ଗଦେଇ ଦେଇଛି। ପୂର୍ବରୁ ଉକ୍ତ ସ୍ଥାନରେ ଅନେକ ଗାଡ଼ିମୋଟର ଦୁର୍ଘଟଣାଗ୍ରସ୍ତ ହୋଇ ୨ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେହିପରି ଏହି ରାସ୍ତାର ଅପରପାର୍ଶ୍ୱ ଭେଙ୍କଟେଶ୍ୱର ସ୍କୁଲ ସାମ୍‌ନାରେ ହୋଇଥିବା ଡାଇଭର୍ସନ୍ ସଂପର୍କରେ ଆଦୌ ସୂଚନା ଦିଆଯାଇନାହିଁ। ଉଭୟ ସ୍ଥାନରେ ପୁଲିସ୍ ପ୍ରହରା କିମ୍ବା ଠିକାସଂସ୍ଥା କର୍ମଚାରୀ ମୁତୟନ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୪, ଅଗଷ୍ଟ ୨୭

# ଓଡ଼ିଶାରେ ଆଧ୍ୟାତ୍ମିକ ଚେତନାରେ ଅମାବାସ୍ୟା ସଂସ୍କୃତି


ଖୁଲଣା ନାୟକ

ଓଡ଼ିଶା ଏକ ଧର୍ମମୟ ମାସ। ବର୍ଷକ ବାର ମାସ । ବିଭିନ୍ନ ପର୍ବପର୍ବାଣୀ ଓ ଧର୍ମକାର୍ଯ୍ୟରେ ରାଜ୍ୟବାସୀ ମନନିବେଶ କରିଥାନ୍ତି। ପୁରୀ ଶ୍ରୀମନ୍ଦିର ସହିତ ରାଜ୍ୟର ବିଭିନ୍ନ ଦେବାଦେବୀଙ୍କ ପୀଠ, ମଠ ମନ୍ଦିରରେ ଆଧ୍ୟାତ୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ବର୍ତ୍ତମାନ ଋତୁଶ୍ରେଷ୍ଠ ଧାରା ଶ୍ରାବଣ ମାସ ଚାଲି ଥିବାରୁ ଏହି ମାସରେ ଚିତାଲାଗି ଅମାବାସ୍ୟା ଅନୁଷ୍ଠିତ ହୋଇଥାଏ। ଏହା ଓଡ଼ିଆ ଆଧ୍ୟାତ୍ମିକ ଚେତନାରେ ଏକ ସ୍ମରଣୀୟ ଦିବସଟି। ଶ୍ରାବଣ ମସାରେ ଚିତାଲାଗି ଅମାବାସ୍ୟାରେ ଭଗବାନ ଶ୍ରୀ ପୁରୁଷୋତ୍ତମଙ୍କର ପୂଜାର୍ଚ୍ଚନା କଲେ ସେହି ବ୍ୟକ୍ତିର ପାପକ୍ଷୟ ହେବା ସହିତ ଗୃହରେ କୌଣସି ପ୍ରକାର ବିପତ୍ତି ପଡ଼ି ନଥାଏ। ଶ୍ରାବଣ ମାସ ଏହି ଚିତାଲାଗି ଅମାବାସ୍ୟାରେ ଚିତାଲାଗି ହୁଏ। ତିନିଗୋଟି ଭୀରା ଚିତା ଯାହାକି ଭଣ୍ଡାର ଘରେ ଗଚ୍ଛିତ ଥାଏ ସେ ଦିନ ସକାଳ ଧୂପ ସମୟେ ତଡ଼ଉ ସେବକ ଏହି ଚିତାଗୁଡ଼ିକୁ ଭଣ୍ଡାର ଘରୁ ବାହାର କରି ଦେଉଳ କରଣଙ୍କ ମାର୍ଫତରେ ଦିଅନ୍ତି। ସେ ସବୁକୁ ସଫାକରି ଲାଗି ଉପଯୋଗୀ କରିବା ଉଦ୍ଦେଶ୍ୟରେ ଦେଉଳ କରଣ ବଣିଆ ମାନଙ୍କୁ ଡକାନ୍ତି। ଶ୍ରୀମନ୍ଦିର ଭିତରେ ଥିବା ନାଭି କଟା ମଣ୍ଡପରେ ବଣିଆମାନେ ଚିତା ଗୁଡ଼ିକୁ ପରିଷ୍କାର କରନ୍ତି। ଏଥିପାଇଁ ଶ୍ରୀମନ୍ଦିର ରୋଷଘରୁ ବଣିଆ ମାନଙ୍କୁ ନିଆଁ ଯୋଗାଇ ଦିଆଯାଇଥାଏ। ବଣିଆମାନେ ସେହି ନିଆଁରେ ଯଥାରୀତି ମସଲା ବ୍ୟବହାର କରି ଚିତା ସବୁ ସଫା କରନ୍ତି। ଦଇତା ଓ ପତିମାନେ ଯଥାକ୍ରମେ ବିଶ୍ୱାବସୁ ଓ ବିଦ୍ୟାପତିର ବଂଶଧର ତିନି ବାଡ଼ଙ୍କ ଏହି ଚିତାମାନ ଲାଗି କରାନ୍ତି। ଚିତାଲାଗି ଯାତ୍ରା ହେଉଛି ଲଲାଟ, ଭୂଷଣ ଯାତ୍ରା। ଶ୍ରୀବିଗ୍ରହ ମାନଙ୍କର ଲଲାଟ ଭୂଷଣ ରୂପକ ସୁବର୍ଣ୍ଣ ଚିତା ଲାଗି କରାଯାଏ। ସିଂହାସନରେ ଥିବା ଜଗନ୍ନାଥଙ୍କ ଦୁଇ ପାର୍ଶ୍ୱରେ ଲକ୍ଷ୍ମୀ, ସରସ୍ୱତୀ (ଶ୍ରୀଦେବୀ ଓ ଭୂଦେବୀ) ଅନ୍ୟତ୍ର ଖଟ ଶେଷ ଘରେ ଖଟ ଶେଷରେ ବିଜେ ହୁଅନ୍ତି। ଦଇତା ଓ ପତିମାନେ ଯଥାକ୍ରମେ ବିଶ୍ୱାବସୁ ଓ ବିଦ୍ୟାପତିର ବଂଶଧର ତିନିବାଡ଼ରେ ଏହି ଚିତାମାନ ଲାଗି କରାନ୍ତି। ପଶୁପାଳକମାନେ ଶ୍ରୀଅଙ୍ଗ ମଣାଇ ଅର୍ଥାତ୍ ଦଇତା ଓ ପତିମହାପାତ୍ରଙ୍କ ଠାରୁ ଦାୟିତ୍ୱ ନେବା ପରେ ତିନି ବଡ଼ା ଦହିଦ୍ୱାରା ତିନି ଠାକୁରଙ୍କର ମହାସ୍ନାନ ହୁଏ। ତିନିଜଣ ପୂଜାପଣ୍ଡାଏହି ମହାସ୍ନାନ କରାନ୍ତି। ପରେ ପଶୁପାଳକମାନେ ଖଟ ଶେଷ ଘରୁ ଲକ୍ଷ୍ମୀ ସରସ୍ୱତୀଙ୍କୁ ନେଇ ରଥ ସିଂହାସନରେ ପୁଣି ବିଜେ କରାନ୍ତି।

ଗ୍ରହରୂପୀ ଜନାର୍ଦ୍ଦନ ହେଉଛନ୍ତି କାଳିଆ ସାଆନ୍ତ ତାଙ୍କ ମୁଖକୁ ଦର୍ଶନ କଲେ ସମସ୍ତ ନବଗ୍ରହ ବାଧାରୁ ଦୂରୀଭୂତ ହୁଏ। ଭକ୍ତ ସ୍ନାନ ପୂର୍ଣ୍ଣିମା ପରେ ମହାପ୍ରଭୁଙ୍କୁ ଜ୍ୱର ହୋଇଥାଏ। ଏଣୁ ମଥାରେ ଧାରଣ କରିଥିବା ଚିତାକୁ ଓହ୍ଲେଇ ଦିଆଯାଇଥାଏ। ଏହି ଚିତାଗୁଡ଼ିକୁ ଭଣ୍ଡାର ମେକାପ ଜଉମୁଦ କରି ଭଣ୍ଡାର ଘରେ ରଖି ଦିଅନ୍ତି। ପୁନର୍ବାର ଚିତାଲାଗି ଅମାବାସ୍ୟା ଦିନ ପ୍ରଭୁଙ୍କୁ ଲାଗି କରାଇବା ପାଇଁ ବାହାର କରି ପରିଷ୍କାର କରାଯାଇଥାଏ। ମହାପ୍ରଭୁଙ୍କର ଦ୍ୱାଦଶଯାତ୍ରା ସେମିତି ପଚାଶ ପ୍ରକାର ଉପଯାତ୍ରା ମଧ୍ୟରେ ଚିତାଲାଗି ଅମାବାସ୍ୟାର ଗୁପ୍ତସେବା ଅନ୍ୟତମ। ସେଥିପାଇଁ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟଶେଷ ଘରକୁ ବିଜେ କରାନ୍ତି। ଜୟବିଜୟ ଦ୍ୱାର ବନ୍ଦ ରଖି ଭିତର କାଠ ପାଖକୁ କୌଣସି ଭକ୍ତମାନଙ୍କୁ ଯିବାକୁ ଦିଆଯାଏ ନାହିଁ। ସେବକମାନେ ଏହି ଚିତାକୁ ପ୍ରଭୁଙ୍କ ଶ୍ରୀମୁଖରେ ଯେତେବେଳେ ଖଞ୍ଜନ୍ତି ସେତେବେଳେ ମହାପ୍ରଭୁ ଅମାବାସ୍ୟାର ଅମା ଅନ୍ଧକାର ଭିତରେ ଅଖଣ୍ଡ ଜ୍ୟୋତି ସ୍ୱରୂପ ଝଟକନ୍ତି। ଚିତାର ମଧ୍ୟ ଶୋଭା ବଢ଼ିଯାଇଥାଏ। ତାପରେ ମହାପ୍ରଭୁଙ୍କୁ ସ୍ନାନ କରାଯାଇଥାଏ। ପରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ରତ୍ନସିଂହାସନକୁ ଅଣାଯାଇଥାଏ। ଚିତା ମାଧ୍ୟମରେ ମହାପ୍ରଭୁ ଜଗତକୁ ଚେତେଇ ଦିଅନ୍ତି ହେ ଜଗତବାସୀ ତୁମେ ମୋର ହୋଇଯାଅ। ମୋ ପାଖରେ ନିଜକୁ ସମର୍ପି ଦିଅ। ଯେପରି ମୁଁ ଆଜି ଚିତାକୁ ମଥାରେ ଧାରଣ କରିଛି ସେପରି ମୋର ଭକ୍ତ ମାନଙ୍କୁ ମଥାରେ ଧାରଣ କରିବି। ମହାପ୍ରଭୁ ଶ୍ରୀଜଗନ୍ନାଥ ଧାରଣ କରିଥିବା ସ୍ୱର୍ଣ୍ଣ ଖଚିତ ହୀରାର ଚିତା ୧୨୫ ଭରି ଓଜନ। ଏହାକୁ ମହାନାୟକ ହୀରା ଚିତା କୁହାଯାଏ। ସାତଟି ବେଢ଼ରେ ୨୨୫ ପ୍ରକାର ରତ୍ନ ସହିତ ମଝିରେ ଥାଏ ବ୍ରହ୍ମଜ୍ୟୋତି ହୀରା। ସେମିତି ବଡ଼ ଠାକୁର ବଳଭଦ୍ର ବା ବଡ଼ବାଡ଼ ସାମନ୍ତଙ୍କ ମଥାକୁ ମଣ୍ଡନ କରେ ମହାନାୟକ ମର୍କତ ଚିତା ଯାହା ଓଜନ ୭୫ ଭରି। ମଝିବାଡ଼ ମା'ସୁଭଦ୍ରାଙ୍କ ମଥାକୁ ମଣ୍ଡନ କରେ ମହାନାୟକ ମାଣିକ୍ୟ ଚିତା। ଯାହାର ଓଜନ ୩୩ ଭରି। ମହାପ୍ରଭୁଙ୍କର ଚିତାର ମୂଲ୍ୟ ଅମୂଲ୍ୟ ଅଟେ। ଯାହାର ଆକଳନ ବା ମୂଲ୍ୟ ନିର୍ଦ୍ଧାରଣ କରି ହୋଇପାରେନା। ଚିତରେ ଖଞ୍ଜା ଯାଇଥିବା ପ୍ରତ୍ୟେକଟି ରତ୍ନ ପଥରର ସ୍ୱତନ୍ତ୍ର ଶକ୍ତି ରହିଛି। ଯାହାକୁ ଅନ୍ୟ କୌଣସି ବିଗ୍ରହ ଧାରଣ କରିପାରିବେ ନାହିଁ ବୋଲି କୁହାଯାଇଥାଏ। ଯଯାତି କେଶରୀଙ୍କ ସମୟରୁ ଏଡି ନୀତିକାନ୍ତି ଆରମ୍ଭ ହୋଇଥିଲା। କୁହାଯାଏ ମହାପ୍ରଭୁ ସମସ୍ତ ପ୍ରକାର ଚିନ୍ତାକୁ ହରଣ କରିବା ପାଇଁ ମସ୍ତକରେ ଏହି ଚିତାକୁ ଧାରଣ କରନ୍ତି। ମହାପ୍ରଭୁଙ୍କର ଏହି ରତ୍ନମାନ ଏହି ଅମାବାସ୍ୟା ଦିନ ଜଳଗର୍ଭରୁ ବା ସମୁଦ୍ର ମନ୍ଥନରୁ ଆସିଥିବା ସେହି ଜଳରେ ଥିବା ଜୀବଜନ୍ତୁ ମାନଙ୍କୁ ଶାନ୍ତ କରିବା ପାଇଁ ଘରେ ଘରେ ଚିତଉ ପିଠା କରି ଜଳରେ ଭସାଇ ଦିଆଯାଏ। ଏହି ମହୋଦଧିରେ ଅମାବାସ୍ୟା ଦିନ ସ୍ନାନ କରିବା ଦ୍ୱାରା ସମସ୍ତ ପ୍ରକାର ଦୁର୍ଗୁଣ ଦୂର ହୋଇଥାଏ। ଆଉ ସେହି କଥା ପ୍ରତିପାଦିତ କରି ନାରାୟଣ ମଧ୍ୟ ମହୋଦଧି ପାଖକୁ ଯାଇ ସ୍ନାନ କରନ୍ତି। ଏଣୁ ଜଗତର ମଙ୍ଗଳ ବିଧାନ ନିମନ୍ତେ ସମସ୍ତ ବିଶ୍ୱବ୍ରହ୍ମାଣ୍ଡର କଲ୍ୟାଣ ପାଇଁ ମହାପ୍ରଭୁଙ୍କର ଏହି ପବିତ୍ର ଲଲାଟ ଭୂଷଣ ଯାତ୍ରା ଶ୍ରାବଣ ଅମାବାସ୍ୟାରେ ପାଳନ କରାଯାଇଥାଏ।

ଚିତାଲାଗି ଅମାବାସ୍ୟାକୁ କୃଷିଭିତ୍ତିକ ପର୍ବ କୁହାଯାଇଥାଏ। କାରଣ ଏହାକୁ କୃଷି ସହିତ ଯୋଡ଼ା ଯାଇଥାଏ। ଏହି ଦିନ ଗୃହିଣୀମାନେ ଶୁଦ୍ଧପୂତ ଭାବେ ସ୍ନାନ କରି ଚିତଉ ପିଠା ପ୍ରସ୍ତୁତ କରନ୍ତି। ପିଠା ପ୍ରସ୍ତୁତ ହୋଇସାରିଲା ପରେ ପ୍ରଥମେ ଚଷାପୁଅ ନିଜର ପାରମ୍ପରିକ ପୋଷାକ ପରିଧାନ କରି ଚାଷଜମିକୁ ନେଇଥାନ୍ତି। ସେଠାରେ ହିଡ଼ ଉପରେ ବସି ପୂଜାର୍ଚ୍ଚନା କରି ମାଆ ଲକ୍ଷ୍ମୀଙ୍କୁ ନିମନ୍ତ୍ରଣ କରନ୍ତି। ବର୍ଷସାରା ଘର ସୁଖ ଓ ସମୃଦ୍ଧିରେ ବୃଦ୍ଧି ହେଉ ବୋଲି ପ୍ରାର୍ଥନା କରନ୍ତି। ତାପରେ ସେହି ପିଠାକୁ ଖଣ୍ଡ ଖଣ୍ଡ କରି ଚାଷ ଜମିରେ ଭସାଇ ଦିଅନ୍ତି। ଶ୍ରାବଣ ମାସ ହୋଇଥିବାରୁ ଚାଷ ଜମି ଜଳପୂର୍ଣ୍ଣ ହୋଇଥାଏ। ଜଳରେ ଥିବା ଜୀବମାନେ ବିଶେଷକରି ଗେଣ୍ଡାମାନେ ସେହି ପଠାକୁ ଖାଇ ସନ୍ତୁଷ୍ଟ ହୁଅନ୍ତି। ଏଠି ଚଷାପୁଅ ସଂପର୍କ ଯୋଡ଼ି ଥାଆନ୍ତି ଗେଣ୍ଡା ମାନଙ୍କ ସହିତ ବା ଜଳଚର ଜୀବମାନଙ୍କ ସହ। ଯେତେବେଳେ ପାଣିଭିତରେ ଚଷାପୁଅ ପଶି ଚାଷକାମ କରିବ ଗେଣ୍ଡାମାନେ ଚଷାପୁଅର ଗୋଡ଼ କାଟିବ ନାହିଁ। ଘର ଚାରି ପାଖରେ ଥିବା ଜଳାଶୟ ମାନଙ୍କରେ ମଧ୍ୟ ଚିତଉ ପିଠା ଭସାଇ ଥାଆନ୍ତି। ଏହି ହେଉଛି ଆମ ସଂସ୍କୃତି ପରମ୍ପରା ବା ଆମ ଧର୍ମ। ଆମ ଧର୍ମ ଆମକୁ ଶିକ୍ଷା ଦେଇଥାଏ ଯେ ଆମେ କାହାରିକୁ କଷ୍ଟ ଦେବାନାହିଁ। ସମସ୍ତଙ୍କ ସହ ବନ୍ଧୁତା ଯୋଡ଼ିବା। ଭଲ କର୍ମର ଫଳ ହିଁ ଭଲ ହୋଇଥାଏ।

*ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦୀପଶିଖା,*
*ଏନ.ଟି.ପି.ସି. କଣିହାଁ, ଅନୁଗୋଳ,*
*ଦୂରଭାଷ : ୮୨୪୯୩୩୨୬୩୬*

# ଗଣାଧିପତୟେ ନମଃ....


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଭାରତ ବର୍ଷରେ ପାଳିତ ହେଉଥିବା ଗଣପର୍ବ ମଧ୍ୟରୁ ଗଣେଶ ଉତ୍ସବ ପ୍ରମୁଖ ପର୍ବ ଭାବେ ପାଳିତ ହୋଇଥାଏ । ଏହି ପର୍ବ ଶ୍ରୀଗଣେଶଙ୍କ ଅବତରଣ ଦିବସ ଭାବେ ପାଳିତ ହୋଇଥାଏ । ସନାତନ ଧର୍ମରେ ଶ୍ରୀଗଣେଶଙ୍କୁ ପୂଜା କରାଯାଇଥାଏ । ତାଙ୍କୁ ମଧ୍ୟ ଅନ୍ୟ ଦେବାଦେବୀଙ୍କ ଆରାଧନା ପୂର୍ବରୁ ଅଗ୍ରପୂଜା ଭାବେ ପୂଜା କରାଯାଇଥାଏ । ଗଣେଶଙ୍କ ବିଗ୍ରହର ଗଜମୁଖ ଭାରତର ଆଦିମ ବାଣୀ ଓଁକାରର ପ୍ରତୀକ, ତେଣୁ ଗଣେଶ ଓଁକାର ସ୍ୱରୂପ ପରଂବ୍ରହ୍ମ ଭାବେ ମଧ୍ୟ ପୂଜିତ । ଯଜୁର୍ବେଦରେ ଗଣେଶଙ୍କ ମନ୍ତ୍ର ନିମ୍ନ ଭାବେ ରହିଛି – ''ଗଣାନାଂ ତ୍ୱାଂ ଗଣପତି ହବାମହେ, ପ୍ରିୟାଣାଂ ତ୍ୱାଂ ପ୍ରିୟପତି ହବାମହେ, ନିଧିନାଂ ତ୍ୱାଂ ନିଧିପତିଂ ହବାମହେ, ବସୋର୍ମମ ।'' ଓଡ଼ିଆ ଜନଜୀବନ ତଥା ଶିକ୍ଷାୟତନରେ ଗଣେଶ ପୂଜା ବା ଗଣନାଥଙ୍କ ପୂଜା ଏକ ମହତ୍ପୂର୍ଣ୍ଣ ଉତ୍ସବ । ମହାପ୍ରଭୁ ଶ୍ରୀ ଗଣେଶ କେବଳ ବିଦ୍ୟାଦାତା ନୁହଁନ୍ତି ସେ ଧର୍ମଦାତା ଓ ସିଦ୍ଧିଦାତା ଭାବେ ଅଗ୍ରପୂଜ୍ୟର ଆସନ ଗ୍ରହଣ କରିଛନ୍ତି । କେବଳ ଓଡ଼ିଶାରେ ନୁହେଁ ସମଗ୍ର ଭାରତରେ ଶ୍ରୀଗଣେଶଙ୍କ ପୂଜା ମହାଆଡ଼ମ୍ବର ସହକାରେ ପୂଜା ହୋଇଥାଏ । ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ । ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ । ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି । ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ । 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ । ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା । ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ । ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା । ତାଙ୍କର ଅନ୍ୟ ନାମ ବିଶ୍ଳେଷଣ । ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ । ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି । ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ । ''ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ'' । ଓଡ଼ିଶାରେ ଗଣେଶ ପୂଜା ଏକ ବିଶେଷ ମହତ୍ୱ ରଖିଛି । ଓଡ଼ିଶାର ପ୍ରାୟ ସବୁ ତୀର୍ଥସ୍ଥଳ ଦେବାଦେବୀଙ୍କ ପୀଠ, ଦେବାଳୟ ଓ ମନ୍ଦିର ମାନଙ୍କରେ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କ ମୂର୍ତ୍ତି ବିରାଜମାନ ହୋଇଥାଏ । ମହାପ୍ରଭୁ ଜଗନ୍ନାଥଙ୍କ କ୍ଷେତ୍ର ଶ୍ରୀମନ୍ଦିରରେ ବିରାଟ ଗଣେଶ ମୂର୍ତ୍ତି ସ୍ଥାପିତ ହୋଇଛନ୍ତି । ଓଡ଼ିଶାରେ ଗଣେଶ ପୂଜା ଶରତ ଋତୁରେ ବିଭିନ୍ନ ପର୍ବପର୍ବାଣୀ ମଧ୍ୟରୁ ଅନ୍ୟତମ। ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ଏହି ପର୍ବ ପାଳନ କରାଯାଏ। ପ୍ରାୟ ପ୍ରତ୍ୟେକ ଘରେ ଓ ବିଦ୍ୟାଳୟରେ ଏ ଉତ୍ସବ ଅନୁଷ୍ଠିତ ହୁଏ। ସେଦିନ ଅନେକ ଉପବାସ କରନ୍ତି ଓ ବିଦ୍ୟା, ଧନ, ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତି ପୂଜା କରନ୍ତି। ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। ଶ୍ରୀ ଗଣେଶାୟ ନମଃ ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଘ୍ନେଶ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କ ଉଦ୍ଦେଶ୍ୟରେ କୁହାଯାଏ – 'ଓଁ ନମୋ ଗଣେଶ ବିଘ୍ନେଶ ଗିରିଜାନନ୍ଦନ ପ୍ରଭୋ ମମ ବିଘ୍ନ ବିନାଶାୟ ଗଣାଧିପତୟେ ନମଃ'। ଆମ ସାମାଜିକ ପ୍ରଥା ଅନୁସାରେ ବିନାୟକ ବ୍ରତ ଏକ ମହାନ ବ୍ରତ। ଏହି ବ୍ରତରେ ସାଧାରଣ ଦ୍ରବ୍ୟ ଛଡ଼ା ମାଳତି, ଭୃଙ୍ଗରାଜ, ବିଲ୍ୱ, ଶ୍ୱେତଦୁର୍ବା, ଧୁତୁରା, ଶମୀ, ବୃହତୀ, କରବୀର, ନିଆଳି, ଅର୍ଜ୍ଜୁନ, ବିଷ୍ଣୁକ୍ରାନ୍ତ, ଦାଡ଼ିମ୍ବ, ଦେବଦାରୁ, ମରୁପତ୍ର, ଅଶ୍ୱତଥ, ଜାଇ, କେତକୀ, ଅଗସ୍ତିପତ୍ର, ଆମ୍ବ, ଖଜୁର, କଦଳୀ, ନାରିକେଳ, ମୋଦକ ୨୧ ଗୋଟିଏ, ଦୁର୍ବା ୨୧ କେରା, ରକ୍ତବସ୍ତ୍ର ଓ ଯଜ୍ଞୋପବୀତ ବ୍ୟବହାର କରାଯାଏ। ଗଣେଶଙ୍କୁ ବିଶେଷକରି ଲଡ୍ଡୁ, ମୋଦକ, ନଡ଼ିଆ ପ୍ରଭୃତି ନୈବେଦ୍ୟ ସହ ପୂଜା କରାଯାଏ। ବିଶେଷକରି ରାଶିରେ ମସ୍ତିଷ୍କର ସ୍ନାୟୁ ସବଳ ହୁଏ। ଏଣୁ ଗଜାନନଙ୍କ ପ୍ରିୟ ହେଉଛି ରାଶିଲଡ୍ଡୁ। ଏହି ଜିନିଷର ବିଶେଷକରି ରାଶିର ଔଷଧୀୟ ଗୁଣ ହେଉଛି ଏହା ମସ୍ତିଷ୍କର ସ୍ନାୟୁ ସବଳ କରିଥାଏ ଯାହା ମେଦାବର୍ଦ୍ଧକ ଭାବେ କାର୍ଯ୍ୟ କରେ । ଶ୍ରୀ ଗଣେଶଙ୍କ ନିତ୍ୟ ଆରାଧ୍ୟ ସ୍ତୁତିଟି ହେଉଛି – ''ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟିସମପ୍ରଭଃ। ନିର୍ବିଘ୍ନଂ କୁରୁ ମେ ଦେବ ସର୍ବକାର୍ଯ୍ୟେଷୁ ସର୍ବଦା ।'' ଓଡ଼ିଶାର ପୁରପଲ୍ଲୀରେ ବିଶେଷକରି ତେଲି ସମ୍ପ୍ରଦାୟରେ ପ୍ରାୟତଃ ଶ୍ରୀ ଗଣେଶଙ୍କ ପୂଜା ସାତ ଦିନ ବା ନଅ ଦିନ ବ୍ୟାପୀ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ । ଶ୍ରୀ ଗଣନାଥଙ୍କ ପୂଜା ଓଡ଼ିଆର ଜନଜୀବନରେ ଏକ ମହତ୍ପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ ।

*ସହପ୍ରତିରକ୍ଷିକ ଓ ପ୍ରଫେସର,*
*ହେପାଟୋଲୋଜିକ ବିଭାଗ,*
*ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ,*
*କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ପ୍ରାଚୀନ ଗ୍ରାମ୍ୟ ଜୀବନରେ ପ୍ରାତଃ ନିଦ୍ରାଜାଗରଣ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଘର ପାଖ କମାରଶାଳରେ ଲେହି ଉପରେ ଗରମ ଲାଲ ଲୁହାକୁ ହାତୁଡ଼ି ପିଟଣାରେ ପିଟିବା ଶବ୍ଦ, ଯଦି କଂସାରୀ ଘର ପାଖରେ ରହୁଥିବା ତେବେ କଂସାବାସନ ତିଆରି ବେଳେ ହାତୁଡ଼ି ପିଟା ଶବ୍ଦ ଖଣ୍ଡେ ଦୂର ବ୍ୟାପୁଥିବ। କୈବର୍ତ୍ତ୍ୟ ଘରେ ଚୁଡ଼ାକୁଟା ଢ଼ିଙ୍କିର ଶବ୍ଦ କାର୍ଯ୍ୟମୁଖର ହୋଇ ଶୁଭୁଥିଲା। ଗ୍ରାମ ତେଲିମହାଜନ ଘରେ ଥିବା କାଠଘଣା ସକାଳୁ ସକାଳୁ କର୍ମମୁଖର ହୋଇ ତେଲ ପେଡ଼ିବା କାର୍ଯ୍ୟରେ ଲାଗିଯାନ୍ତି ଏଥିରେ ଲଗାଯିବା ବଳଦ ଘଣାକୁ ଚକ୍ର ଆକାରରେବ ବୁଲାଇବା ବେଳେ କାଠ ଘର୍ଷଣରୁ ଏକ ଶବ୍ଦ ବହୁ ଦୂରକୁ ଶୁଭିଲା ପରି ବାହାରେ। କାଠ ମିସ୍ତ୍ରୀ ବଢ଼େଇଙ୍କ ଘରେ କାଠ କାଟିବା ଓ କାଠକୁ ଠୋକାର ଦେବା ବେଳେ ଏପରି ଠକ ଠକ ଶବ୍ଦ କରତ କାଠରେ ଚାଲିବା ଶବ୍ଦ କିଛି ଦୂର ଯାଏ ଶୁଭେ। ମୁସଲମାନ ବସ୍ତୀରେ ଥିବା ମସଜିଦରେ ଖୁବ ଉଚ୍ଚରେ ରହି ଜଣେ ବସ୍ତି ବାସିନ୍ଦାଙ୍କୁ ଜଣାଇବା ଭଳି ଆହ୍ଲାଙ୍କ ଉଦ୍ଦେଶ୍ୟରେ ରାତି ପାହିଯାଉଛି ବୋଲି ଜାଗରଣ କରୁଥିବେ। ଅନେକ ଦେବ ମନ୍ଦିରରେ ଦିଅଁଙ୍କ ଉଦ୍ଦେଶ୍ୟରେ ସକାଳ ଆରତି ବେଳେ ଶଙ୍ଖ, କାହାଳୀ, ଘଣ୍ଟ ବାଜୁଥିବ।

ସୁନା ଅଳଙ୍କାର ପିନ୍ଧିଥିବା ମହିଳାମାନେ ସକାଳ ସୂର୍ଯ୍ୟ ଉଦୟ ପାଖାପାଖି ସୁନା ଅଳଙ୍କାର ଥଣ୍ଡା ଅନୁଭବ କରାଉଥିବ। ପ୍ରତ୍ୟେକ ସୁସ୍ଥ ଶରୀରଧାରୀ ବ୍ୟକ୍ତିଙ୍କୁ ପରିସ୍ରା ଝାଡ଼ା ଲାଗୁଥିବ। ଝାଡ଼ା ଲାଗୁ ନ ଲାଗୁ ସକାଳୁ ପାଖ ପଡ଼ିଆ ରାସ୍ତାକଡ଼ ନାଳବନ୍ଧବାଡ଼କୁ ବହୁଲୋକ ଝାଡ଼ା ଆସିବା ନିଶ୍ଚିତ। ଭିଡ଼ରୁ ରକ୍ଷା ପାଇଁ ଅନେକ ସକାଳୁ ସକାଳୁ ଉଠି ସେ କାମ ସାରିବାକୁ ତତ୍ପର ହେଉଥିଲେ। ଅନେକ ନବ ବଧୂ ସଅଳ ସଅଳ ଉଠି ଘର ପାଖ ପଡ଼ିଆକୁ ଝାଡ଼ା ଫେରି ନିକଟ ପୋଖରୀକୁ ଯାଇ ସ୍ନାନ ସୌଚ ହେଉଥିଲେ। ପୂର୍ବେ ଚାହାଳିଆ ଚାଟ ମାଷ୍ଟ୍ର ଆପଣଙ୍କର ବେତର ଶୂନରୁ ବଢ଼ି ୧-୨-୩ କ୍ରମରେ ଆସି ଗୁରୁଜୀଙ୍କ ସାନ୍ନିଧରେ ରୋଲକଲ ଚିହ୍ନଟ ପାଇ ସଅଳ ସଅଳ ଚାଟଶାଳୀରେ ପହଞ୍ଚିବା ପାଇଁ ଧାଉଡି କରିବା ଆରମ୍ଭ କରୁଥିଲେ। ହରିଜନ ସାହିରେ ଗଞ୍ଜାକୁ କୁକୁଡ଼ା ଅଟେଇରେ ଥିଲେ ବି କୁକୁଡାଟି ବୋବେଇ ଉଚ୍ଛନ୍ନ କରୁଥିଲା। ପରେ ପରେ ସମସ୍ତେ ନିତ୍ୟକର୍ମରେ ଲାଗି ଯାଉଥିଲେ। ଚାଷୀ ଘରେ ସବୁ ଦିନେ ବିଲକାମ ନଥିଲେ ବି ଗାଈ ବଳଦ ସେବା ନିତ୍ୟକର୍ମ ପୁଣି ବାଡ଼ିରେ, ଢ଼ିଅ ଜମିରେ ଲଗାଇଥିବା ପନିପରିବା ଫସଲରେ ପାଣି ମଡ଼ାଇବା ପାଇଁ ପୋଖରୀରୁ ଯନ୍ତ, ଟେଣ୍ଡା ଆଦି ପାଣି ଉଠାଇବା କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ କାର୍ଯ୍ୟ ପାଇଁ ବାହାରି ଯାଆନ୍ତି। ଚାଷ ବେଳେ ଧାନ କ୍ଷେତ କର୍ମରେ ବୁଣା, ରୁଆ, ବଛାବଛି ପାଣି ଦେଖିବା, ପୋକ ଦେଖିବା ଫସଲ ଖେତକୁ ପଶୁ ପକ୍ଷୀ ଚୋର ଆଗରୁ ରକ୍ଷା କରିବାରେ ଲାଗି ରହିବା ଧାନ ପାଚିଲେ କାଟିବା, ବୋହି ଆଣିବା ବେଙ୍ଗଳା ପକାଇବା, ଉଡାଇ ଧାନ ପରିଷ୍କାର କରିବା, ଖରା ଦେବା, ଖଣି ପକାଇବା ବା ଅମାରରେ ରଖିବା, ବିହନ ରଖିବା ପରି କର୍ମରେ ସର୍ବଦା ଲାଗି ରହିବା ଦେଖାଯାଉଥିଲା।

ସମସ୍ତଙ୍କ ସହଯୋଗରେ ଗ୍ରାମର ଲୋକେ ଜୀବିକା ଚଳାଇବା ସହିତ ନିରାପଦରେ ପରସ୍ପରକୁ ସହାୟକ ହେଉଥିଲେ। ଭାଇଚାରାରେ ଗ୍ରାମ ଚାଲୁଥିଲା। ଗ୍ରାମରେ ଧନୀ ଦରିଦ୍ର ରହିଲେ ବି ଦରିଦ୍ରମାନେ ଧନୀ ମାନଙ୍କର ଜମି ଜମା ବୃତ୍ତିରେ ସହାୟକ ହୋଇ ଗୁଜୁରାଣ ମେଣ୍ଟାଉ ଥିଲେ। ଡରଭୟ ନଥିଲା। ତେବେ ମୁରବୀ ଡର ଗୋସେଇ ଗ୍ରାମରେ ଓ ଘରେ ରହିଥିଲେ। ବଡ଼ ବଡ଼ ସମସ୍ୟା ଗ୍ରାମର ସ୍ୱ ସ୍ୱ ପାଟକଙ୍କ ମଧ୍ୟରେ ବା କିଛି ଗୁରୁତର ଛତିଶ ନ୍ୟାୟରେ ସମାଧାନ ହେଉଥିଲା। ବିବାହାଦି ସଂସ୍କାର କାର୍ଯ୍ୟରେ ଗ୍ରାମ୍ୟ ଜନ କାର୍ଯ୍ୟଗ୍ରାହୀକୁ ସହଯୋଗ ପୂର୍ଣ୍ଣ ପ୍ରାଣରେ କରୁଥିଲେ। ଦରିଦ୍ର ଘରେ ଯଦି କେହି କନ୍ୟା ବିବାହ କରୁଥିଲା ତାକୁ ଅର୍ଥରେ ଦ୍ରବ୍ୟରେ ସାହି ପଡ଼ୋଶୀ ଜାତିଭାଇ ସହାୟକ ହେଉଥିଲେ। ବିଭିନ୍ନ ପାଟକଙ୍କୁ ଧୋବା, ବାରିକ, କୁମ୍ଭାର, ସେବା ଦେଉଥିଲେ ଏକ ମୃତାହତ ବିବାହ ଆଦି ଧୋବା ବାରିକ ନ ହେଲେ କାର୍ଯ୍ୟ ଅନେକ ପ୍ରତିବନ୍ଧକ। କୁଲା ବାଉଁଶିଆ, ବିବାହ କର୍ମକୁ ଦରକାର। ଏ ପାଇଁ ପାଖ ଡମ ଘରୁ ଏସବୁ ଅଣାଯାଉଥିଲା। ଘର ତିଆରିରେ ମାଟି ବୋଳିବା କାର୍ଯ୍ୟ ପାଇଁ ଠୋକେଇ ଗାଣ୍ଡୁଆ, ଝୁଡ଼ି ଦରକାର ଏହା ବି ସେଇ ପାଣ ବା ଡମଘରୁ ଅଣାଯାଉଥିଲା। ପ୍ରତିଘରେ ଶସ୍ୟ ମାପିବା ପାହିଲି ଗୌଣୀ ଏଇ ପାଣ ବା ଡମ ମାନେ ଯୋଗାଉଥିଲେ। ବିବାହ ବ୍ରତ ଆଦି ବାଦ୍ୟ ଆବଶ୍ୟକ ଢ଼ୋଲ ନାଗରା ମହୁରୀ ଆଦି ବଜାଇବାକୁ ଏପରି ପାଟକ ମାନଙ୍କୁ ବିବାହ କାର୍ଯ୍ୟରେ ଜଡ଼ିତ କରାଯାଏ ଏପରିକି ବରପଟୁଆରେ ଏଇ ମାନେ ହିଁ ଆଗେଇ ବାଦ୍ୟ ବଜାଇ ଚାଲନ୍ତି। ଏ ପାଟକ ସ୍ୱର୍ଗରେ ବି ଅଛନ୍ତି, ଦୁନ୍ଦୁଭି ନାଦକାରୀ ଏ ମାନଙ୍କର ପାଟକରେ ଆସନ୍ତି। ଏମାନେ ଘୋର ଅବହେଳିତ ଓ ସଦାବୃତ୍ତିରୁ ବିମୁଖ। ବିବାହରେ ବ୍ୟାଣ୍ଡପାର୍ଟି ତେଲିଙ୍ଗିବାଦ୍ୟ ଏବେ ବହୁ ଅର୍ଥ ପାଉଛନ୍ତି। ଅପେରା ପାର୍ଟିରେ କନସେଟ ପାର୍ଟି ରହିଛନ୍ତି ହେଲେ ଅନ୍ୟ ପାଟକ ଲୋକେ ଏହାକୁ ବୃତ୍ତି ରୂପେ ଧରିଲେଣି। କାରଦ୍ୱାର ଶୁଣ୍ଡି ପିଣ୍ଡା ଏକ ଲୋକ ଶ୍ରୁତି ଅଛି ଶୁଣ୍ଢି ବା ଶୌଣ୍ଡିକ ମାନେ ମଦ୍ୟ ବିକ୍ରେତା। ଏମାନେ ଏବେ ବଂଶାନୁକ୍ରମିକ ଏ ବୃତ୍ତିରେ ନିମଗ୍ନ ନୁହଁନ୍ତି। ମଦ ବେପାରରେ ଭଲ ଲାଭ ବୋଲି ଯେକେହି ଜାତି ଏହାକୁ ବୃତ୍ତିରେ ଧରିନେଲେଣି। ମଦ୍ୟପ ମାନେ କୌଣସି ପିତୃକାର୍ଯ୍ୟ, ଦେବକାର୍ଯ୍ୟରେ ଘୋର ବାରଣ ଏପାଇଁ ଏମାନେ ପ୍ରାୟଶ୍ଚିତ କରିବାକୁ ପଡ଼େ ଏବେ ଏହା ଗୌଣ ବା ନାଁ କୁମାତ୍ର ପ୍ରାୟଶ୍ଚିତ। ଗ୍ରାମ୍ୟ ଜୀବନ ତୁଚ୍ଛନଛ, ଲୁଣମରା ଆନ୍ଦୋଳନରୁ ଭାରତ ସ୍ୱାଧୀନ ହୋଇଥିଲା। କେହି ଲୋକ ବର୍ତ୍ତମାନ ସେହି ଗ୍ରାମ୍ୟ ଦେଶୀ ଲୁଣ ଖାଉନାହାଁନ୍ତି। ଗ୍ରାମର ବହୁ ବୃତ୍ତି ଏବେ ଲୁପ୍ତ।

*ବରେଣ୍ୟ ବାଣୀ' ପିସି ସରକାର*
*ଲେନ୍, ଅରୁଣୋଦୟ ମାର୍କେଟ,*
*କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସେବା ଓ ଶାନ୍ତିର ଦେବୀ– ମଦର ଟେରେସା


ଅକ୍ଷୟ କୁମାର ରାଉତ

ଦୁଃସ୍ଥ, ପୀଡିତ,ଦଃଖି ଓ ରଙ୍କି ମାନଙ୍କର ସେବା କରିବାର ପ୍ରବୃତି ଏକ ଐଶ୍ୱରିକ ଗୁଣ। ଏହି ପ୍ରବୃତି ଯେଉଁ ପୁରୁଷ ଓ ନାରୀ ମାନଙ୍କଠାରେ ଥାଏ, ସେମାନେ ମର୍ତ୍ତ୍ୟର ଦେବତା ବା ଦେବୀ ରୂପେ ଜନମାନସରେ ପୂଜିତ ହୁଅନ୍ତି, ମଦର ଟେରେସା ଏହି ଭଳି ଜଣେ ସେବା ଓ ଶାନ୍ତିର ଦେବୀ। ପୀଡିତର ପୀଡା ଦେଖିଲେ ତାଙ୍କ ଆଖିରୁ ଝରିଯାଏ ଲୁହ। ସେ ସମସ୍ତ ବିକାର ଓ ଘୃଣାକୁ ଭୂଲି ଲାଗି ପଡନ୍ତି ପିଡୀତର ସେବାରେ। ମନ, ପ୍ରାଣ ଓ ହୃଦୟ ଦେଇ ସେ ରୋଗିର ସେବା କରନ୍ତି। ଏହି ମହିୟସୀ ଦେବୀ ଇଉରୋପର ମାସିଡୋନିଆ(ଯୁଗୋସ୍ଲୋଭିଆ) ଅନ୍ତର୍ଗତ ସ୍କୋପ୍‌ଜେ ନାମକ ସ୍ଥାନରେ ଏକ ଆଲବାନିଆନ୍ କୃଷକ ପରିବାରରେ ୧୯୧୦ ମସିହା ଅଗଷ୍ଟ ୨୬ ତାରିଖରେ ଜନ୍ମଗ୍ରହ କରିଥିଲେ। ପିତା ନିକୋଲା ବୋୟାକ୍ସିଭ୍ ଓ ମାତା ଡ୍ରାମଫିଲ୍ ବୋୟାକ୍ସିଭ୍ ଥିଲେ କ୍ୟାଥିଲିକ ଖ୍ରୀଷ୍ଟିୟାନ। ସେମାନଙ୍କ ପାଂଚଟି ସନ୍ତାନ ମଧ୍ୟରୁ ତିନୋଟି ଜୀବିତଥିଲେ। ବଡ ପୁତ୍ର ଲାଜର, ମଧ୍ୟମକନ୍ୟା ଆଗା ଓ ସାନଝିଅ ୟାଗ୍‌ନେସ୍ ଗୋନସ୍କା ବୋୟାକ୍ସିଭ୍ (ମଦର ଟେରେସା)। ମଦର ଟେରେସାଙ୍କ ପିତା ଥିଲେ ଜଣେ ବ୍ୟବସାୟୀ, ବହୁଭାଷାବିତ୍ ଓ ରାଜନୀତି ସଚେତନ ବ୍ୟକ୍ତି। ମଦର ଟେରେସାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ, ଠିକ୍ ସେହି ସମୟରେ ତାଙ୍କ ପିତାଙ୍କ ଅକାଳ ମୃତ୍ୟୁ ହୋଇଗଲା। ବିଧବା ମାଆ ବହୁ ବାଧାବିଘ୍ନ ସ୍ୱତେ ତିନିଭାଇ ଭଉଣୀଙ୍କୁ ଶିକ୍ଷିତ କରାଇଥିଲେ। ଦାରିଦ୍ର ଜାଳ ଜନିତ ସମସ୍ତ ଦୁଶ୍ଚିନ୍ତା ପରେ ବି ଟେରେସାଙ୍କ ଓଠରେ ଲାଗିରହିଥିଲା ହସ। ଘର କାମରେ ସେ ମାଆଙ୍କୁ ସର୍ବଦା ସାହଯ୍ୟ କରୁଥିଲେ। ସେ ଛୋଟବେଳରୁ ସତ୍ୟ, ଶାନ୍ତି,ଦୟା ଓ କ୍ଷମାର ଆଦର୍ଶରେ ଅନୁପ୍ରାଣିତ, ଦୁର୍ବଳ ତଥା ଆହତ ପଶୁମାନଙ୍କ ସେବାଯତ୍ନ କରି ସେ ଆନନ୍ଦ ଅନୁଭବ କରୁଥିଲେ। ନିୟମିତ ଗିର୍ଜାରେ ପ୍ରାର୍ଥନା କରିବା, ଧର୍ମ ପୁସ୍ତକ ପଢିବା ଓ ପାଦ୍ରିଙ୍କୁ ସାହାଯ୍ୟ କରିବା ଥିଲା ଟେରେସାଙ୍କର ନିତି ଦିନ କାମ। ସରକାରୀ ସ୍କୁଲରେ ପଢୁଥିବା ସମୟରେ କେତେକ ନନ୍‌ଙ୍କ ସଂସ୍ପର୍ଶରେ ଆସିବାର ସୁଯୋଗ ଟେରେସାଙ୍କୁ ମିଳିଥିଲା। ମାତାଙ୍କ ଅନୁମତି ନେଇ ସେ ଲୋରେଟା ସିଷ୍ଟରମାନଙ୍କ ସହ ଯୋଗ ଦେଲେ, ୧୯୨୮ ମସିହା ନଭେମ୍ବର ୨୮ ତାରିଖରେ ସେ ଆୟରର୍ଲାଣ୍ଡର ଡବ୍‌ଲିନ୍ ନିକଟରେ ଥିବା ରାଥ୍‌ଫାର୍ନହାମ୍ ସ୍ଥିତ ଲୋରେଟୋ ଆବେରେ ଯୋଗ ଦେଇ ନନ୍ ତାଲିମ ନେଲେ। ତାଙ୍କୁ ସେତେବେଳେ ମାତ୍ର ୧୮ ବର୍ଷ । ଏଠାରେ ଆଭିଲାର ଥେରେସା ଓ ଲିସିୟୁକ୍ସର ଟେରେସାଙ୍କ ସ୍ମୃତିରେ ୟାଗ୍ନେସ୍ ଗୋନସ୍କା ବୋୟାକ୍ସିଭଙ୍କ ନାମ କରଣ କରାଗଲା ସିଷ୍ଟର ଟେରେସା। ୧୯୨୯ ମସିହାରେ ଦାର୍ଜିଲିଂଠରେ ଦୁଇବର୍ଷ ତାଲିମ ନେଲାପରେ ସେ ସେଣ୍ଟ୍ ମେରୀ ହାଇସ୍କୁଲରେ ଆରମ୍ଭ କଲେ ଶିକ୍ଷକତା, ଇତିହାସ ଓ ଭୂଗୋଳ ପଢେଇବା ସମୟରେ ଚରିତ୍ର ଗଠନ ପାଇଁ ଉପଦେଶ ଦେଉଥିଲେ। କିନ୍ତୁ ଦୁଃସ୍ଥ ଓ ପିଡିତମାନଙ୍କର ଦୟନୀୟ ଅବସ୍ଥା ଟେରେସାଙ୍କର ହୃଦୟକୁ ବିଚଳିତ କରିଥିଲା। ମୋତିଝିଲ୍ ବସ୍ତିର ଅସଂଖ୍ୟ ନିରାଶୟ ଲୋକଙ୍କ ମୁଖ ମଣ୍ଡଳରେ ରୋଗ ଯନ୍ତ୍ରଣାରେ ଛଟପଟ ହେଉଥିବା ଯୀଶୁଖ୍ରୀଷ୍ଟଙ୍କୁ ଟେରେସା ଦେଖି ପାରିଥିଲେ। ତେଣୁ ଲୋରେଟୋ ଉଚ୍ଚବିଦ୍ୟାଳୟ ଅଧକ୍ଷ ପଦ ତ୍ୟାଗକରି ପୋପଙ୍କ ଅନୁମତି ନେଇ ମୋତିଝିଲ ବସ୍ତିର ରୋଗୀମାନଙ୍କ ସେବାରେ ସମସ୍ତ ସମୟ ବିନିଯୋଗ କଲେ। ହାତରେ ପାଂଚ ଟଙ୍କା ଧରି ବସ୍ତିଲୋକଙ୍କର ସେବା ଆରମ୍ଭ କରିଦେଲେ। ସେ ଆମେରିକାନ୍ ମେଡିକାଲ୍ ମିଶିନାରୀ ସିଷ୍ଟରସ୍ ସଂସ୍ଥାରେ ନର୍ସଂ ତାଲିମ ନେଲେ। ୧୯୫୦ ମସିହାରେ ପୋପଙ୍କ ସମ୍ମତି ପାଇ ଟେରେସା ୧୨ ଜଣ ସିଷ୍ଟରଙ୍କୁ ନେଇ ପ୍ରତିଷ୍ଠା କଲେ 'ମିଶନାରିଜ୍ ଅଫ ଚ୍ୟାରିଟି' । ଏହି ସଂସ୍ଥାର ଲକ୍ଷ୍ୟ ମଣିଷ ସମାଜର ସେବା କରିବା। ୧୯୫୨ ମସିହାରେ ମଦର ଟେରେସା ପ୍ରତିଷ୍ଠା କଲେ 'ନିର୍ମଳ ହୃଦୟ' ସେ ବାସଦନ। ଏଠାରେ ଚାଲିଲା ମୃତ୍ୟୁ ପଥ ଯାତ୍ରୀମାନଙ୍କ ସେବା ଶୁଶ୍ରୁଷା । ମ୍ୟୁନିସିପାଲିଟିର ଅଧିକାରୀ 'ନିର୍ମଳ ହୃଦୟ' ପ୍ରତିଷ୍ଠାନକୁ ଯୋଗାଇ ଦେଇଥିଲେ ଦୁଇଟି ଡର୍ମିଟାରୀ। ଜଣେ କାଥଲିକ୍ ନନ୍ କାଳୀ ମନ୍ଦିର ନିକଟରେ ମୁମୂର୍ଷ ଲୋକଙ୍କ ପାଇଁ ଏକ ଆଶ୍ରମ ନିବାସ ଖୋଲିବା, କିଛି ଅସାମାଜିକ ବ୍ୟକ୍ତି ବରଦାସ୍ତ କରିପାରିଲେ ନାହିଁ। ଏକ ପଟୁଆରରେ ଆସି ବିଭିନ୍ନ ଧ୍ୱନି ଦେଇ ପ୍ରତିବାଦ ଆରମ୍ଭ କରିଦେଲେ। ପ୍ରତିବାଦକାରୀମାନେ ମଦର ଟେରେସାଙ୍କର କାଳୀ ରୂପ ଦେଖି ଭୟ କରି ପାଦ ତଳେ ପଡି କ୍ଷମାଭିକ୍ଷାକଲେ। ବହୁ ଲୋକ ସହଯୋଗର ହାତ ବଢାଇଦେଲେ। ମଦର ଟେରେସା ସର୍ବଦା କହୁଥିଲେ ସେ ପ୍ରତ୍ୟେକ ବ୍ୟକ୍ତିଠାରେ ଯିଶୁଙ୍କୁ ଦେଖିଥାଆଁ। ତେଣୁ ସବୁ କ୍ଷୁଧାର୍ଥ ଓ ରୋଗୀଣା ଲୋକମାନଙ୍କର ସେବା କରିବା ତାଙ୍କର କର୍ତବ୍ୟ। 'ନିର୍ମଳ ହୃଦୟ' ସାଙ୍ଗକୁ ସେ ସ୍ଥାପନକଲେ ପ୍ରେମଦାନ ଓ ଶାନ୍ତିନଗର। ଶିଶୁମାନଙ୍କର ସେବା ପାଇଁ ସ୍ଥାପନ କଲେ ଶିଶୁଭବନ। ମଦର ଟେରେସାଙ୍କର ସେବା କରିବାର ପରିସର ଅତି ବ୍ୟାପକ। ଗରିବ, ଦୁଃସ୍ଥ, ବୁଭୁକ୍ଷ, ମାଦକାସକ୍ତ, ଗୃହହୀନ ଓ ଜେଲ୍ ଫେରନ୍ତା କଇଦୀମାନଙ୍କର ସେବା ପୁର୍ନବାସ ପାଇଁ ମଦର ଟେରେସା ଲାଗିପଡିଥିଲେ। ମଦର ଟେରେସାଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଗଲା। ମଦର ଟେରେସା ତାଙ୍କ ଅସାଧାରଣ ସେବା କାର୍ଯ୍ୟ ପାଇଁ ଅନେକ ସମ୍ମାନ ଓ ପୁରସ୍କାର ପାଇଛନ୍ତି। ୧୯୬୨ ମସିହାରେ ତାଙ୍କୁ ପ୍ରଦାନ କରାଯାଇଥିଲା ' ରାମୋନ୍ ମାଗ୍‌ସେସେ ପୁରସ୍କାର'। ତାହାଛଡା ପଦ୍ମଶ୍ରୀ, 'ପୋପ ଜନ୍ ଶାନ୍ତି ପୁରସ୍କାର', 'ଗୁଡ ସମରିଟାନ୍ ଆଓାର୍ଡ ' ' ଜନ୍ ଏଫ. କେନେଡି ଇନଟରନେସନାଲ ପୁରସ୍କାର', 'ଜବାହରଲାଲ୍ ନେହେରୁ ପୁରସ୍କାର', ' ଟେମ୍ପଲଟନ୍ ପୁରସ୍କାର', ' ମେଟେର୍ ଏଟ୍ ମାଜିଷ୍ଟ୍ରା ଆଓାର୍ଡ ଅଫ ଦି ଥାର୍ଡ ଅର୍ଡର ଅଫ୍ ସେଣ୍ଟ୍ ଫ୍ରାନ୍‌ସିସ୍ ଅଫ୍ ଆସ୍କିସି' ପୁରସ୍କାର ପାଇଥିଲେ। ତାଙ୍କର ଆଦର୍ଶ ଦୁଃସ୍ଥ ସେବା ହେତୁ ଶାନ୍ତି ପାଇଁ ସେ ୧୯୭୯ ମସିହାରେ ବିଶ୍ୱପ୍ରସିଦ୍ଧ ନୋବେଲ୍ ପୁରସ୍କାର ଲାଭ କଲେ ଓ ତାପରେ ସେ ଭାରତର ସର୍ବୋଚ୍ଚ ବେସାମରିକ ସମ୍ମାନ ' ଭାରତରତ୍ନ' ପାଇଲେ। କଲିକତାରେ ବି.ଏମ. ବିରଳା ହାର୍ଟ ରିସର୍ଚ୍ଚ କେନ୍ଦ୍ରରେ ଚିକିତ୍ସାଧୀନ ଥିବା ସମୟରେ ଆଲବେନିଆର ରାଷ୍ଟ୍ରପତି ସଲିବେରିଶା ୧୯୯୬ ମସିହା ନଭେମ୍ବର ମାସ ୨୭ ତାରଖରେ ମଦର ଟେରେସାଙ୍କୁ 'ଆଲବେନିଆ ସ୍ୱର୍ଣ୍ଣ ସମ୍ମାନ' ପ୍ରଦାନ କରିଥିଲେ। ୧୯୯୬ ମସିହରେ ଆମେରିକା ସରକାର ତାଙ୍କୁ ପ୍ରଦାନ କରିଥିଲେ ସାମ୍ମାନିକ ନାଗରିକତ୍ୱ। ଏହି ମହିୟସୀ ମହିଳାଙ୍କର ୧୯୯୭ ମସିହା ସେପ୍ଟମ୍ବର ୫ ତାରିଖ ଦିନ ମହାପ୍ରୟାଣ ଘଟିଲା। ଟେରେସାଙ୍କୁ 'ମିଶନାରୀଜ୍ ଅଫ ଚାରିଟି ' ର ହେଡକ୍ୱାର୍ଟର 'ମଦର ହାଉସକୁ' ନିଆଯାଇଥିଲା ଓ ସେଠାରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

*ପାରାଦ୍ୱୀପଗଡ,କୁଜଙ୍ଗ,*
*ଜଗତ୍‌ସିଂହପୁର*




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ଆପଣା କଳା କର୍ମମାନ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର,(ପି.ଏନ): ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଲେଖକ ରାଧାଶ୍ୟାମ ରାଉଳଙ୍କ ଦ୍ୱାରା ରଚିତ ବ୍ୟଙ୍ଗଗଳ୍ପ ସଂକଳନ ପୁସ୍ତକ 'ଆପଣା କଳା କର୍ମମାନ'ର ଶୁଭ ଉନ୍ମୋଚନ ଉତ୍ସବ ଗତ ରବିବାର ସନ୍ଧ୍ୟାରେ ଆୟୋଜିତ ହୋଇଯାଇଛି। ଉତ୍କଳ ସାହିତ୍ୟ ସମାଜର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ପୌରହିତ୍ୟରେ ଏହି ଉତ୍ସବରେ ବିଶିଷ୍ଟ ସାହିତ୍ୟିକ, ଜଗବନ୍ଧୁ ମିଶ୍ର ମୁଖ୍ୟ ଅତିଥି, ବିଶିଷ୍ଟ ବ୍ୟଙ୍ଗ ସ୍ରଷ୍ଟା, ଜ୍ଞାନ ହୋତା ମୁଖ୍ୟ ବକ୍ତା,ଭାରତୀୟ ପ୍ରଶାସନିକ ସେବା ଅଧିକାରୀ,କାଳୀପ୍ରସନ୍ନ ମହାପାତ୍ର ସମ୍ମାନିତ ଅତିଥି,ବିଶିଷ୍ଟ ସାରସ୍ୱତ ସାଧକ,ଡକ୍ଟର ବିଜୟ କୁମାର ଶତପଥୀ,ବରେଣ୍ୟ ଅତିଥି ତଥା ପୁସ୍ତକ ସମୀକ୍ଷକ ଭାବେ ଯୋଗ ଦେଇଥିଲେ। ସିଦ୍ଧ ?ଶ୍ ପବ୍ଲିଶିଙ୍ଗ୍ ହାଉସ୍ ଦ୍ୱାରା ପ୍ରକାଶିତ 'ଆପଣା କଳା କର୍ମମାନ' ପୁସ୍ତକକୁ ଅତିଥିମାନେ ବିଭିନ୍ନ ଦୃଷ୍ଟିକୋଣରୁ ସମୀକ୍ଷା କରିବା ସହ ରମ୍ୟ ଓ ବ୍ୟଙ୍ଗ ସାହିତ୍ୟର ଶୈଳୀ, ଧାରା ଉପଧାରା ଓ ପରମ୍ପରା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଲେଖିକା ଶକ୍ତିପ୍ରଦା ମହାପାତ୍ର ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ, ଲେଖିକା ପ୍ରଜ୍ଞା ପରିମିତା ଆଚାର୍ଯ୍ୟ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମନୋଜ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ପୁସ୍ତକ ପ୍ରକାଶିକା,ପ୍ରୀତିମୟୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଉତ୍ସବରେ ବିଶିଷ୍ଟ ରମ୍ୟରଚନା ଲେଖକ ଡକ୍ଟର ନାରାୟଣ ମହାନ୍ତି,ସୌରାଂଶୁ ପଟ୍ଟନାୟକ,ଡକ୍ଟର ଧର୍ମଛଡା,ଦେବାଶିଷ ସାମନ୍ତରାୟ, ପ୍ରସନ୍ନ କୁମାର ସ୍ୱାଇଁ, ଭରତ ବେହେରା,ସ୍ମୃତି ପଟ୍ଟନାୟକ, ରବିନାରାୟଣ ଦାସ,ଅରୁଣା ସାମନ୍ତରାୟ, ବବିତା ଦାସ ମହାପାତ୍ର,ରାଜୀବ ଷଡ଼ଙ୍ଗୀ, ଲକ୍ଷ୍ମୀଛଡା,ବିନ୍ଦୁସାଗର ଓଝା,ସୁବ୍ରତ କୁମାର ମୁଖାର୍ଜୀ, ସନ୍ତୋଷ କୁମାର ସାମନ୍ତରାୟ, ଦେବଜ୍ୟୋତି ଦାସ, ତ୍ରିଲୋଚନ ବେହେରା, ସୁଶାନ୍ତ କୁମାର ସାହୁ, ନିରଞ୍ଜନ ପାତ୍ର,ବିଜୟ କୁମାର ନାୟକ,ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ,ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ,କୋଷାଧ୍ୟକ୍ଷ ଶିବାଶିଷ କର, ପାଠାଗାର ସମ୍ପାଦକ,ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ,ବ୍ରହ୍ମାନନ୍ଦ ମହାନ୍ତି, ଗାୟତ୍ରୀ ଦେବୀ,ସରୋଜିନୀ ମିଶ୍ର,ଶଶୀକାନ୍ତ ରାଉତ,ମୁରଲୀଧର ଶତପଥୀ,ତପନ କୁମାର ସ୍ୱାଇଁ,ଦିଲୀପ ଦାସ ଓ ଅନେକ ସାହିତ୍ୟିକ,ବୁଦ୍ଧିଜୀବୀ, ସଜ୍ଜନ ମଣ୍ଡଳୀ ଉପସ୍ଥିତ ଥିଲେ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି। ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି। ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି। ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା। ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯୋଗ୍ୟତା ଥାଇ ମଧ୍ୟ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ୍ୟ ଦିଆଯାଉନାହିଁ। ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା। ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି। ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଲିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି। ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି। ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି। ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ। ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି। ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ। ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୁର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ): ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଟ୍ରେନ ଧକ୍କାରେ ୧୫ ଛେଳି; ୬ ଗୋରୁ ମୃତ



ନନ୍ଦପୁର:(ପି ନ ଏ) କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ଭେଜା ଷ୍ଟେସନ ନିକଟରେ ଗୋରୁ ଓ ଛେଳି, ମେଣ୍ଢା ଟ୍ରେନ ଧକ୍କାରେ ମୃତ। ଟ୍ରେନ୍ ଧକ୍କାରେ ୧୫ ଛେଳିଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଏପରି ଦୁର୍ଘଟଣା ଘଟିଛି କୋରାପୁଟ ଜିଲ୍ଲା ଭେଜା ଷ୍ଟେସନ ନିକଟରେ।ଆଜି ସକାଳେ ୯ ଘଣ୍ଟିକା ସମୟରେ ଭେଜା ଷ୍ଟେସନ ନିକଟରେ ଛେଳି ଓ ଗୋରୁ ପଲ ରେଳ ଧାରଣା ପାର ହେଉଥିଲେ। ଏହି ସମୟରେ କୋରାପୁଟ ଠାରୁ ବିଶାଖାପାଟଣା ଯାଉଥିବା ମାଲବାହୀ ଟ୍ରେନ ପହଞ୍ଚି ଯାଇଥିଲା।ଟ୍ରେନଟି ଗାଇ ଓ ଛେଳିଙ୍କ ଉପରେ ମାଡି ଯାଇଥିଲା। ଟ୍ରେନ ଧକ୍କାରେ ୧୫ ଛେଳିଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୋରୁଙ୍କର ମୃତ୍ୟୁ ଘଟିଛି।ଭେଜା ଗ୍ରାମର ମାନସିଂ ଦୋରା, ଦମ୍ବୁରୁଧର ଦୋରା, ଈଶ୍ୱର ଖିନବୁଡି,ବାସୁଦେବ ଦୋରା, ଏହି ପାଞ୍ଚ ଜଣଙ୍କର ଗୋରୁ ସହିତ ଛେଳି ମେଣ୍ଢା ଟ୍ରେନ ଧକ୍କାରେ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ଖବର ପାଇ ରେଳ ବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ କରୁଛନ୍ତି।

# ଡମ୍ପର ମାଲିକଙ୍କ ଧାରଣା: ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ



ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଷ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି। ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ପର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ପର ନିୟୋଜିତ କରିବା ଦାବିରେ ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି। ନୂତନ ଲିଜ ପାଇଥିବା କାସଭି ଇଷ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନ କାର୍ଯ୍ୟ ଦେଉନାହିଁ। ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଧାରଣା ଆରମ୍ଭ କରିଥିଲେ। ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ପର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି। ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ପର ନେଇ ପରିବହନ କରୁଥିଲେ। ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ। ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ପରକୁ ପରିବହନରେ ନିୟୋଜିତ କରୁଥିଲେ। ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି। ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି। ଡମ୍ପର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି। ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି। କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ପରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି। ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି। କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି। ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି। ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇୱା ଟ୍ରକ ମାଧମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି। ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ।

# ଚତୁର୍ଥ ବାର୍ଷିକ ବଣମଲ୍ଲୀ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ



ଜେନାପୁର,(ପି.ଏନ୍) : ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ଆନୁକୁଲ୍ୟରେ ଚତୁର୍ଥ ବାର୍ଷିକ ବଣମଲ୍ଲୀ ବୌଦ୍ଧିକ ବିକାଶ କାର୍ଯ୍ୟକ୍ରମ ଜେନାପୁର ଉଚ୍ଚ ବିଦ୍ୟାଳୟ ଠାରେ ସଫଳତାର ସହ ଆୟୋଜିତ ହୋଇଛି। ଏଥିରେ ଯାଜପୁର ଜିଲ୍ଲାର ୫୮ଟି ଉଚ୍ଚ ବିଦ୍ୟାଳୟର ୧୩୫ ଜଣ ପିଲା ଭାଗ ନେଇଥିଲେ। ସକାଳ ୧୦-୧୨ ଘଟିକା ଯାଏଁ ସମାନ୍ତରାଳ ଭାବେ କବିତା ଲିଖନ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହା ପରେ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ କ୍ୱିଜ କାର୍ଯ୍ୟକ୍ରମ ଓ ଏହା ପରେ କ୍ୟାରିୟର କାଉନସେଲିଂ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପରେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ, ଅତିଥି ଭାବେ ଅଧ୍ୟାପକ ମନୋଜ ଧୀର , ସମାଜସେବୀ ଅଜୟ ଦାସ, ଶିକ୍ଷକ ରଞ୍ଜନ କୁମାର ନାୟକ , ନିତ୍ୟାନନ୍ଦ ନାୟକ, କାହ୍ନୁ ଚରଣ ସାହୁ, ରବୀନ୍ଦ୍ର ମହାନ୍ତି, ଶିକ୍ଷାବିତ୍ ଡ. ମନୋରଞ୍ଜନ ଶତପଥୀ, ଅଭାଞ୍ଜଳି ଶତପଥୀ, ଦେବୀ ପ୍ରସାଦ ଦାଶ, ସମାଜସେବୀ ପଦ୍ମନାଭ ଶତପଥି, ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ମଲ୍ଲିକ, ଅଧ୍ୟାପିକା ଡ.ଅଭାରାଣି ବଳ, ଶିକ୍ଷୟିତ୍ରୀ ଦମୟନ୍ତୀ ମହାନ୍ତି, ରାଜ୍ୟ ଗୃହ ବିଭାଗର ବରିଷ୍ଠ ଅଧିକାରୀ ଅଶୋକ କୁମାର ନାୟକ, ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ସରୋଜ କାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ। ଛାତ୍ର ଛାତ୍ରୀ ଙ୍କୁ ପ୍ରେରଣା ଦେଇଥିଲେ। ୪ଟି ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨ ଜଣ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଅନ୍ୟ ସମସ୍ତ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣକାରୀ ଭାବେ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠାନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ସଭାପତି ଜୟଦେବ ଶତପଥୀ ସଂଯୋଜନା ଓ ସମ୍ପାଦକ ମାନସ ରଞ୍ଜନ ପ୍ରଧାନ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ମୋ ଓଡ଼ିଶା

## ରାଗିଂରେ ମୃତ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ଏସ୍‌ଏଫ୍‌ଆଇ ଓ ଡିଓ୍ୱାଇଏଫ୍‌ଆଇ ପକ୍ଷରୁ ଭୁବନେଶ୍ୱରରେ ପ୍ରତିବାଦ

ଭୁବନେଶ୍ୱର (ପିଏନ୍): ରାଗିଂରେ ମୃତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ରୁଚିକା ମହାନ୍ତିଙ୍କ ମୃତ୍ୟୁ ପାଇଁ ଦାୟୀ ଅଭିଯୁକ୍ତ ତିନି ଛାତ୍ରୀଙ୍କୁ ଅବିଳମ୍ବେ ଗିରଫ, ଶିକ୍ଷାନୁଷ୍ଠାନଗୁଡିକୁ ରାଗିଂମୁକ୍ତ କରିବା ପାଇଁ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି କାର୍ଯ୍ୟକାରୀ କରିବା, ବିଜେବି ମହାବିଦ୍ୟାଳୟ ଅଧକ୍ଷ ଓ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଜଷ୍ଟିସ ପଶାୟତଙ୍କ ସୁପାରିଶକୁ କାର୍ଯ୍ୟକାରୀ କରିବା ଆଦି ଦାବୀ କରି ଭାରତର ଛାତ୍ର ଫେଡେରେସନ (ଏସ୍‌ଏଫ୍‌ଆଇ) ଓ ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିଓ୍ୱାଇଏଫ୍‌ଆଇ) ପକ୍ଷରୁ ମାଷ୍ଟରକ୍ୟାଣ୍ଟିନଠାରେ ଡିଓ୍ୱାଇଏଫ୍‌ଆଇର ସଭାପତି ସରୋଜ ନାୟକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭ ଓ ପ୍ରତିବାଦ ସଭାରେ ଡିଓ୍ୱାଇଏଫଆଇର ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି, ଏସ୍‌ଏଫ୍‌ଆଇର ରାଜ୍ୟ ସାଙ୍ଗଠନିକ କମିଟି ସଭ୍ୟ ବିକାଶ ନାଥ, ଛାତ୍ର ନେତା ଷ୍ଟାଲିନ୍ ଲେଙ୍କା, ସ୍ମୃତି ସୁରଞ୍ଜିକ ଜେନା, ରାଜକୁମାର ରଇତ, ଦାମ ଡିବା, ବିରାଧ ସିଂହ, ଅନନ୍ତ ମଙ୍ଗରାଜ, ଶଇଦ ଅନୱାର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ନିନ୍ଦା କରିଥିଲେ । ରୁଚିକା ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜୋରଦାର ହେବ ବୋଲି ଯୁବଛାତ୍ରମାନେ ଚେତାବନୀ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସି.ପି.ଆଇ (ଏମ୍) ନେତା ପ୍ରଭାତ ପାଣିଗ୍ରାହୀ, ପବିତ୍ର ଇନ୍ଦ୍ରଜିତ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶାର ମ  ନାଟକ, ସଙ୍ଗୀତ, ନୃତ୍ୟର ବିକାଶରେ କବିଚନ୍ଦ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର (ପିଏନ୍): କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଉଦ୍ୟମରୁ ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇବା ସହ ଓଡ଼ିଶାର ରାସ, ମ  ନାଟକ, ନୃତ୍ୟ ଓ ସଙ୍ଗୀତର ସାମଗ୍ରିକ ବିକାଶ ହେବା ସହ ରାଜ୍ୟର କଳା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ସାଧିତ ହୋଇଛି ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ କବିଚନ୍ଦ୍ରଙ୍କ ପ୍ରତିମୂ ି ସ୍ଥଳୀରେ ଆୟୋଜିତ ୪୪ତମ ଶ୍ରାଦ୍ଧୋତ୍ସବରେ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ତାଙ୍କ ପ୍ରତିମୂ ିରେ ମାଲ୍ୟାର୍ପଣ ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ଅବସରରେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ-ଡମପଡ଼ା ବ୍ଲକ୍ ଅଧକ୍ଷ ପ୍ରଣବ କୁମାର ପଟେଲ, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ଗାନ୍ଧିବାଦୀ ଅଧାପକ ଉପେନ୍ଦ୍ର ପାଢ଼ୀ, ଯୁବନେତା ରବି ସାମଲ, ବିକାଶ ଗିରି, ସତ୍ୟବ୍ରତ ଜେନା, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ମହାପାତ୍ର ପ୍ରମୁଖ ନିଜ ବକ୍ତବ୍ୟରେ ବାଙ୍କୀ ମାଟିର ଯୋଗ୍ୟ ଦାୟାଦ କଳାକୁ ଜୀବନସାଥୀ ଭାବରେ ଗ୍ରହଣ କରି ଅବିବାହିତ ରହି ରାଜ୍ୟର କଳା, ସାହିତ୍ୟ ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ମ  ନାଟକର ବିକାଶ ପାଇଁ ନିଜେ ନାଟକ ରଚନା କରିବା ସହ ନିର୍ଦ୍ଦେଶନା ଦେଇ ତାହାକୁ ଓଡ଼ିଶା ଥିଏଟର ମାଧ୍ୟମରେ ପରିବେଷଣ କରିଥିଲେ। ଏହାପରେ ଗଜପତିଙ୍କ ନିମନ୍ତ୍ରଣ ପାଇ ପୁରୀରେ ରାସ ଓ ନାଟକର ବିକାଶ ପାଇଁ କାର୍ଯ୍ୟ କରିଥିଲେ। ଗଜପତି ତାଙ୍କୁ କବିଚନ୍ଦ୍ର ଉପାଧିରେ ସମ୍ମାନିତ କରିଥିଲେ। ଏହାପରେ ଗଜପତିଙ୍କ ଦରବାର ଛାଡ଼ି ପୁରୀ ଓ ସାକ୍ଷୀଗୋପାଳରେ ନୃତ୍ୟଦଳ ଗଠନ କରି ସମଗ୍ର ରାଜ୍ୟରେ ନୃତ୍ୟ ପରିବେଷଣ କରୁଥିଲେ। ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମାନ୍ୟତା ଦେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅଗଣିତ ନାଟକ, କାବ୍ୟ, କବିତା ରଚନା କରି ରାଜ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। 'ଭାତ' ନାଟକ ସହ 'ଶ୍ରୀଜୟଦେବ ଓ ଗୀତଗୋବିନ୍ଦ' ତାଙ୍କର ଅମୂଲ୍ୟ କୀ ି। ତାଙ୍କ ଆଦର୍ଶରେ ଯୁବକଳାକାର ଅନୁପ୍ରାଣିତ ହେଲେ ରାଜ୍ୟର କଳା ସମୃଦ୍ଧ ହୋଇପାରିବ। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ଓ ଉପେନ୍ଦ୍ର ପାଢ଼ିଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଜନ୍ମଦିନ ଅଭିନନ୍ଦନ ଜଣାଇ ସମ୍ମାନିତ କରାଯିବା ସହ ବାଙ୍କୀବାସୀଙ୍କ ପକ୍ଷରୁ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଉ  ରୀୟ ପ୍ରଦାନ କରାଯାଇଥିଲା। ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟଙ୍କ ଲିଖିତ ପୁସ୍ତକ 'ସହଜ ପ୍ରାଣାୟମ ଓ ଯୋଗାସନ' ପୁସ୍ତକ ଉନ୍ମୋଚିତ ହୋଇଥିଲା।

## ମହାକାଳପଡ଼ା ବୃହତ ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ଚାଲିଥିବା ବୃହତ ପାନୀୟ ଜଳଯୋଗାଣ ପ୍ରକଳ୍ପର ଦୁଇଟି ପଏ  କରାଯାଇଛି। ଗୋଟିଏ ହେଉଛି ଦକ୍ଷିଣ ଜୋନ  ଓ ଅନ୍ୟଟି ହେଉଛି ଉ  ର ଜୋନ। ଦକ୍ଷିଣ ଜୋନଟି ମହାକାଳପଡ଼ା ବ୍ଲକରେ ରହିଥିବାବେଳେ ଉ  ର ଜୋନଟି ମାର୍ଶାଘାଇ ବ୍ଲକରେ ରହିଛି। ଦକ୍ଷିଣ ପଏ  ର କାର୍ଯ୍ୟ ପ୍ରାୟତଃ ଶେଷ ହେବା ଉପରେ। ଆସନ୍ତା ଅଗଷ୍ଟ ମାସ ୧୫ତାରିଖ ସୁଦ୍ଧା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଲୋକମାନଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ନିର୍ମାଣ କାର୍ଯ୍ୟ କରୁଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକଳ୍ପ ସମ୍ପର୍କରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାପାଳ ନିର୍ମାଣକାରୀ ସଂସ୍ଥାକୁ ଏଭଳି ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ କହିଥିଲେ ଏହି ପ୍ରକଳ୍ପ ଦ୍ୱାରା ୫୫ ହଜାର ଲୋକଙ୍କ ଘରେ ପାଇପ ଯୋଗେ ପାନୀୟ ଜଳ ପହ ିବ। ଯାହା ଫଳରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇପାରିବ। ଦକ୍ଷିଣ ଜୋନର କାର୍ଯ୍ୟ ତୁରନ୍ତ ସାରି ଲୋକଙ୍କୁ ପାନୀୟ ଜଳ ପ୍ରଦାନ କରିବା ପାଇଁ ଜିଲ୍ଲାପାଳ କହିଥିବା ବେଳେ ଉ  ର ଜୋନକୁ ମଧ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସେ କହିଥିଲେ। ଏହି ସମୀକ୍ଷା ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଥାଉକି ଏହି ପ୍ରକଳ୍ପ ହେବା ଦ୍ୱାରା ମହାକାଳପଡ଼ା ବ୍ଲକର ୨୬ଟି ପ ାୟତ ଓ ମାର୍ଶାଘାଇ ବ୍ଲକର ୧୧ଟି ପ ାୟତର ଲୋକେ ପାନୀୟ ଜଳ ପାଇପ ଯୋଗେ ପାଇପାରିବେ। ଫଳରେ ଗ୍ରୀଷ୍ମଋତୁରେ ଜଳକଷ୍ଟର ସମ୍ମୁଖୀନ ହେଉଥିବା ଏହି ପ ାୟତଗୁଡିକର ଲୋକମାନଙ୍କ ପାନୀୟଜଳ ସମସ୍ୟା ରହିବ ନାହିଁ। ଦକ୍ଷିଣ ଜୋନ କାର୍ଯ୍ୟକ୍ଷମ ହେଲେ ମାର୍ଶାଘାଇ ବ୍ଲକର ୩ଟି ପ ାୟତ ଓ ମହାକାଳପଡ଼ା ବ୍ଲକର ୯ଟି ପ ାୟତର ଲୋକମାନେ ଉପକୃତ ହୋଇପାରିବେ।

## କାଶ୍ମୀରର କନ୍ଦଳ

ଭାରତ ବିଭାଜନ ୧୯୪୭ ଅଗଷ୍ଟ ୧୫ ପରଠାରୁ କାଶ୍ମୀରକୁ ନେଇ ପାକିସ୍ତାନ ଓ ଭାରତ ମଧ୍ୟରେ ନାନା କନ୍ଦଳ ଲାଗି ରହିଛି । ଖାଲି କନ୍ଦଳ ନୁହେଁ, ଚାରି ଚାରିଟା ଯୁଦ୍ଧ ୧୯୪୭-୪୮, ୧୯୬୫, ୧୯୭୧ ଏବଂ ୧୯୯୯ ସଂଘଟିତ ହୋଇଗଲାଣି। ଉଭୟ ପକ୍ଷରୁ କେତେ ମୃତାହତ ଓ କେତେ କ୍ଷୟକ୍ଷତି ଘଟିଲାଣି । ଏହା ଜାତିସଂଘ ଦ୍ୱାରା ନିଷ୍ପତି ହେଉ ବୋଲି କେହି କହିଲା ବେଳେ ମିଳିତ ଜାତିସଂଘ କୁହେ, ଏହା ଭାରତ ଓ ପାକିସ୍ତାନର ଆଭ୍ୟନ୍ତରୀଣ ସମସ୍ୟା ହେତୁ ସେମାନେ ମିଶି ଏହାକୁ ତୁଟାନ୍ତୁ । ହେଲେ ଭାରତ ପାକିସ୍ତାନ ଏ ଦ୍ୱିପାକ୍ଷିକ ଆଲୋଚନାରେ ବସିବେ ନାହିଁ କି ସମସ୍ୟା ତୁଟିବ ନାହିଁ। ଏଣୁ କାଳ କାଳକୁ ଏହା କନ୍ଦଳର କାରଣ ହୋଇଥିବ ।

ଦେଶ ବିଭାଜନ ବେଳେ ତ୍ରାଭାନକୋର, ଜୁନାଗଡ଼, ହାଇଦ୍ରାବାଦ ଓ କାଶ୍ମୀର ପାକିସ୍ତାନ ଅଥବା ଭାରତ ସହିତ ମିଶିକି ନଥିଲେ କି ସେ ମୁହୂର୍ତ୍ତରେ ସେମାନଙ୍କୁ ନେଇ କାହାରି କିଛି ସାଂଗରେ ନେବାର ଆପତି ନଥିଲା। ସେମାନେ କିନ୍ତୁ ଭାରତ ଓ ପାକିସ୍ତାନ ସହ ସ୍ୱାଧୀନ ହେଲେ ଏବଂ ଭବିଷ୍ୟତରେ ସେମିତି ରହିବେ ବୋଲି ଚାହିଁଲେ। ମାତ୍ର ଦେଶ ବିଭାଜନ ଓ ସ୍ୱାଧୀନତା ପ୍ରଦାନ ବେଳେ ସର୍ତ ଥିଲା ଯେ ଏମାନେ ସ୍ୱାଧୀନ ରାଷ୍ଟ୍ର ଭାବେ ରହିପାରିବେ ନାହିଁ। ସୁବିଧା ଦେଖି ନିଜ ନିଜ ବ୍ୟବସ୍ଥାରେ ଭାରତ ଅଥବା ପାକିସ୍ତାନ ସହ ମିଶିଯିବାକୁ







ବାଧ୍ୟ । କେହି ପାକିସ୍ତାନରେ ମିଶିବାକୁ ରାଜି ହେଲେନି । ଜୁନାଗଡ଼ ତା' ନିଜ ବ୍ୟବସ୍ଥାରେ ଗଣଭୋଟ୍ ଦ୍ୱାରା ଭାରତରେ ମିଶିଗଲା, ତ୍ରାଭାନ୍‌କୋର ଓ ହାଇଦ୍ରାବାଦ ପ୍ରଥମେ କୌଣସି ନିଷ୍ପତି ନେଇନଥିଲେ ହେଁ, ପରେ ଭାରତ ସହ ମିଶିଗଲେ । ବାକି ରହିଗଲା କାଶ୍ମୀର ।

ସେତେବେଳେ କାଶ୍ମୀରର ସ୍ୱାଧୀନ ରାଜା ଥିଲେ ହିନ୍ଦୁ ରାଜା ହରି ସିଂ । ସେ କେବେ ବି ପାକିସ୍ତାନ ସହ ହାତ ମିଳାଇବେ ନାହିଁ । ସେମିତି ଏଥିପୂର୍ବରୁ କାଶ୍ମୀରକୁ ନେଇ ପାକିସ୍ତାନ ଗଠନ କରିବାର ସ୍ୱପ୍ନ ପାକିସ୍ତାନ ମୁଖ୍ୟ ମହମ୍ମଦ ଅଲ୍ଲି ଜିନ୍ନା ଦେଖି ନ ଥିଲେ । ଅଥଚ ବିଭାଜନ ନିୟନ୍ତ୍ରକ ଲର୍ଡ ମାଉଂଟବ୍ୟାଟେନ୍ ପାକିସ୍ତାନ ସପକ୍ଷବାଦୀ ଥିଲେ ଏବଂ ଜିନ୍ନା କାଶ୍ମୀରକୁ ନେଇ ବୃହତର ପାକିସ୍ତାନ ଗଠନ କରନ୍ତୁ ବୋଲି ଚାହୁଁଥିଲେ । ସେଥିପାଇଁ ସେ ଜିନ୍ନାଙ୍କୁ ଉସ୍‌କାଉଥିଲେ ଏବଂ ତାଙ୍କୁ ସହଯୋଗ କରୁଥିଲେ।

କାଶ୍ମୀରକୁ ଭାରତ ସହ ମିଶାଇବାରେ ହରି ସିଂ କୁଣ୍ଠିତ ନଥିଲେ। ତେବେ ସେ କାଳବିଳମ୍ବ କରିବାର କାରଣ ଏହା ଥିଲା ଯେ ଭାରତୀୟ କଂଗ୍ରେସ ଓ ନେହରୁଙ୍କ ସହିତ ତାଙ୍କର ଉତମ ବୁଝାମଣା ନଥିଲା। ପୁନଶ୍ଚ କାଶ୍ମୀରର ଶେଖ ଅବଦୁଲ୍ଲାଙ୍କର ନେହରୁ ଥିଲେ ପ୍ରିୟପାତ୍ର । କାଶ୍ମୀର ଭାରତ ସହ ମିଶିଲେ, ନେହରୁ ଅବଦୁଲ୍ଲାଙ୍କୁ କାଶ୍ମୀର ମୁଖ୍ୟ କରିଦେବେ ଏବଂ ହରିସିଂ ତାଙ୍କ ଅଧସ୍ତନ କର୍ମଚାରୀ ହୋଇଯିବେ, ସେ ଏକଥା ଚାହୁଁ ନ ଥିଲେ।

ଶେଖ ଅବଦୁଲ୍ଲା ଚାହୁଁଥିଲେ ସେ କାଶ୍ମୀରର ଏକାଙ୍ଗ ଚକ୍ରବର୍ତୀ ହୋଇ ହରି ସିଂଙ୍କ ସ୍ଥାନ ଅଧିକାର କରିବେ । ଏଣୁ କାଶ୍ମୀର ପାକିସ୍ତାନ ହାତକୁ ନଯାଉ । ଅନ୍ୟପକ୍ଷରେ ଭାରତ ସହାୟତାରେ ତାଙ୍କ ହାତରେ କାଶ୍ମୀର ରହୁ ।

ଗୋଟିଏ ପଟେ ନେହରୁ ଓ ଜିନ୍ନାଙ୍କ କଳିରୁ ଭାରତ ହେଲା ବିଭାଜନ । ଆଉ ଗୋଟିଏ ପଟେ ନେହରୁଙ୍କର ମାଉଂଟବ୍ୟାଟେନ୍‌ଙ୍କ ସହ ପ୍ରୀତି ଓ ଭିନ୍ନ ପକ୍ଷେ ଶେଷ ଅବଦୁଲ୍ଲାଙ୍କ ସହ ବନ୍ଧୁତ୍ୱ; ମାଉଂଟବ୍ୟାଟେନ୍‌ଙ୍କ ପାକିସ୍ତାନ ପ୍ରତି ସପକ୍ଷବାଦିତାରେ ବଳି ପଡ଼ିଲା କାଶ୍ମୀର ଭୂଖଣ୍ଡ ।

ମାଉଂଟବ୍ୟାଟେନ୍ ଚାହୁଁଥିଲେ ଜୁନାଗଡ଼ ପରି କାଶ୍ମୀରରେ ଗଣଭୋଟ୍ ଦ୍ୱାରା ତା' ସ୍ଥିତି ନିର୍ଣ୍ଣୟ କରାଯାଉ । ଏହାକୁ ଭାରତ ବିରୋଧ କଲା । ଅଥଚ ପରିସ୍ଥିତି ଏମିତି ହେଲା ଯେ ଶେଷରେ ହରି ସିଂ ଗଣଭୋଟ ଉପର ରାଜି ହେଲେ ଏବଂ ୨୬ ଅକ୍ଟୋବର ୧୯୪୮ରେ ଇନ୍‌ଷ୍ଟ୍ରୁମେଂଟ ଅଫ୍ ଆକ୍‌ସେସନ୍ ଆକ୍ଟ ଗୃହୀତ ହେଲା । ଅଥଚ ମାଉଂଟବ୍ୟାଟେନଙ୍କ କୂଟନୀତି ଫଳରେ ପାକିସ୍ତାନୀ ସେନା ଓ ଆଦିବାସୀ ଲସ୍କର କାଶ୍ମୀରର ଗିଲଗଟ୍, ବାଲଟିସ୍ଥାନ, ମୁଜାଫରବାଦ ସହ ପୁଂଚର ଅର୍ଦ୍ଧାଧିକ ଅଂଶ ମୀରପୁର ଜିଲ୍ଲା ଓ ବାରମୂଳାର କିଛି ଅଂଶ ମାଡ଼ି ବସିଲେଣି। ସେଇଠି ଯୁଦ୍ଧ ବନ୍ଦ କରିବାକୁ ମାଉଂଟବ୍ୟାଟେନ୍ ସେତେବେଳକୁ ମହମ୍ମଦ ଜିନ୍ନାଙ୍କୁ ନିର୍ଦ୍ଦେଶ ଦେଲେ। କଥା ରହିଲା ଯେ ମିଳିତ ଜାତିସଂଘ ଅଧ୍ୟକ୍ଷତାରେ ଗଣଭୋଟ୍ ହେବ। କିନ୍ତୁ ପାକିସ୍ତାନ ଏହାକୁ ଗ୍ରହଣ କରିବାକୁ ବାଧ୍ୟ ନୁହେଁ ବୋଲି କହିଲା। ଏତିକିରେ ଭାରତ-ପାକ୍ ପ୍ରଥମ ଯୁଦ୍ଧ ୧୯୪୭-୪୮ର ସମାପ୍ତି ଘୋଷଣା ହେଲା । କିନ୍ତୁ ପାକିସ୍ତାନ ଅଧିକୃତ କରିଥିବା କାଶ୍ମୀରର ଏ ବିରାଟ ଭୂଖଣ୍ଡର ଭବିଷ୍ୟତ ଭାଗ୍ୟ କ'ଣ ହେବ, ସେ କଥା ନିଷ୍ପତି ହେଲା ନାହିଁ ।

ସେତେବେଳେ ଭାରତୀୟ ସେନାର ଜେନେରାଲ ଥିମାୟା ଥିଲେ ମୁଖ୍ୟ । ସେ ଚାହିଁଥିଲେ ଏ ଅଂଚଳକୁ ଫେରାଇ ଆଣି ପାକିସ୍ତାନ ଭିତରକୁ ପଶିଯାଇଥା'ନ୍ତେ; କିନ୍ତୁ ବାରଣ କଲେ ନେହରୁ । କହିଲେ ଭାରତ କ୍ୟାବିନେଟ୍‌ର ବିନା ଅନୁମୋଦନରେ ସେ ଆଗେଇପାରିବେନି । ଏକଥା ନୁହେଁ ଯେ ସେ ନିଜର ଭାବମୂର୍ତିକୁ ଅକ୍ଷୁର୍ଣ୍ଣ ରଖିବାକୁ ଚାହୁଁଥିଲେ । ଯେମିତି ମାଉଂଟବ୍ୟାଟେନ୍ ପାକିସ୍ତାନ ସେନାଙ୍କୁ ସାହାଯ୍ୟ କରୁଥିଲେ ପାକିସ୍ତାନ ସମଗ୍ର କାଶ୍ମୀରକୁ ଦଖଲ ନେଇଯାଇଥାନ୍ତା ସେତେବେଳେ କ'ଣ ନେହରୁ କ୍ୟାବିନେଟ୍‌ର ଅନୁମୋଦନକୁ ଅପେକ୍ଷା କରିଥା'ନ୍ତେ। ସେତେବେଳକୁ ତ ସବୁ ସରିଯାଇଥା'ନ୍ତା । କାଶ୍ମୀରକୁ ଫେରାଇ ପାରିଥାନ୍ତେ ତ? ଯେତିକି ଯାଇଛି, ସେତକ ଏଯାଏ ଫେରିନି, ତାହା ଏବେ କାଶ୍ମୀର ଅଧିକୃତ ଅଂଚଳ (ପି.ଓ.କେ); ନିୟନ୍ତ୍ରଣ ସୀମାରେଖା (ଏଲ୍.ଓ.ସି.) ଆରପଟେ।

୧୯୪୯ ମସିହାରେ ମିଳିତ ଜାତିସଂଘର ଏକ କମିଶନ ଦଳ ଆସି ସୀମା ସୁରକ୍ଷା ନିୟନ୍ତ୍ରଣ ରେଖା ନିର୍ଣ୍ଣୟ କଲାପରେ ଆନୁଷ୍ଠାନିକ ଯୁଦ୍ଧ ବିରତି ଘୋଷଣା କଲା । ଦୁଇ ଦେଶର ସେନାଧ୍ୟକ୍ଷଙ୍କ ମଧ୍ୟରେ ଏ ଚୁକ୍ତିକୁ କୁହାଗଲା କରାଚି ଚୁକ୍ତି ।

୧୯୬୫ରେ ପୁଣି ସେହି ଭାରତ ପାକ୍ ଦ୍ୱିତୀୟ ଯୁଦ୍ଧ । ୧୯୭୧ରେ ତୃତୀୟ ଭାରତ-ପାକ୍ ଯୁଦ୍ଧ । ୧୯୭୨ ମସିହା ସିମଳା ରାଜିନାମାର ଅସ୍ତ୍ରବିରତି ଚୁକ୍ତିରେ କାଶ୍ମୀର ପ୍ରସଙ୍ଗ ଦୁଇଦେଶର ଆଭ୍ୟନ୍ତରୀଣ ବ୍ୟାପାର ଏବଂ ଏହା ଦୁଇ ଦେଶ ମଧ୍ୟରେ ଆଲୋଚନା ଦ୍ୱାରା ଆପୋଷ ସମାଧାନ ହୋଇପାରେ ବୋଲି ଥିଲେ ମଧ୍ୟ ଏହାକୁ ସମ୍ମାନ ଦେଉଛି କିଏ ?

ସତ କହିଲେ ଗଣଭୋଟ୍ ଭଳି ଏକ ପ୍ରି କଣ୍ଡିସନ୍ ଯୋଗୁଁ କାଶ୍ମୀରକୁ ବିଳମ୍ବରେ ଭାରତୀୟ ସେନା ପଠାଇବା ଦ୍ୱାରା ଏକ ବୃହତ୍ କାଶ୍ମୀର ଅଂଶ ପାକିସ୍ତାନ ହାତକୁ ଚାଲିଗଲା । ଖାଲି ସେତିକି ନୁହେଁ ନେହରୁଙ୍କର ଜାତିସଂଘର ଦ୍ୱାରସ୍ଥ ହେବା ଦୂରଦୃଷ୍ଟିର ଘୋର ଅଭାବ ଛଡ଼ା ଆଉ କ'ଣ ହୋଇପାରେ? ପୁଣି ମାଉଂଟବ୍ୟାଟେନ୍ କୂଟନୀତିରେ ପ୍ରଭାବିତ ହୋଇ କାଶ୍ମୀରରେ ଏକ ମଧ୍ୟବର୍ତୀକାଳୀନ ସରକାର ଗଠନ କରି ଶେଖ ଅବଦୁଲ୍ଲାଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିବାରେ ଘୋଷଣା, ଏକ ସ୍ୱତନ୍ତ୍ର ସଂବିଧାନ ଗଠନ, ସଂବିଧାନର ୩୭୦ ଧାରା ପ୍ରୟୋଗ ଦ୍ୱାରା କାଶ୍ମୀରକୁ ଭାରତଠାରୁ ଦୂରେଇ ରଖିବା ଓ ସ୍ୱତନ୍ତ୍ର ପତାକା ପ୍ରଚଳନ କରାଇବା ଯେତେବେଳେ ଏକ ମୁର୍ଖାମୀ କଥା, ସେତେବେଳେ ଭାରତର ଏହା ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିବାଠାରୁ ଏହାକୁ ମସ୍ତବଡ଼ ଭୁଲ୍ ଛଡ଼ା କ'ଣ କୁହାଯାଇପାରେ? 'ମଲୁ ଲୋଡୁଥିଲା ଯାହା ବଇଦ କହିଲା ତାହା' ପରି ଶେଖ୍ ଅବଦୁଲ୍ଲା ହେଲେ କାଶ୍ମୀରର ସର୍ବେସର୍ବା। ଏବେ ପୁତ୍ର ଫାରୁକ୍ ଅବଦୁଲ୍ଲା ଓ ନାତି ଓମାର ଅବଦୁଲ୍ଲାଙ୍କ ସମେତ ସମସ୍ତେ ଭାରତ ବିରୋଧୀ । ସେ ଚାହାଁନ୍ତି କାଶ୍ମୀର ଭାରତ ମୁକ୍ତ ହେଉ । ସେମାନେ ନିରଙ୍କୁଶ ହୋଇ କାଶ୍ମୀର ଶାସନ କରନ୍ତୁ । ଏଥିପାଇଁ ସେମାନେ ଆତଙ୍କବାଦୀ ତଥା ବିଚ୍ଛିନ୍ନତାବାଦୀଙ୍କ ସହ ହାତ ମିଳାଇଛନ୍ତି । ଏଣୁ ପାକିସ୍ତାନ ସହ ଭାରତ ଯୁଦ୍ଧରେ ତାଙ୍କର ଫାଇଦା ଅଛି ।

ଏବେ ଅବଦୁଲ୍ଲାମାନଙ୍କୁ ସାମ୍ନା କରିବାର ଅଛି । ଧାରା ୩୭୦କୁ ବାତିଲ କରିବାର ଅଛି । ମୋଟ୍ ଉପରେ କାଶ୍ମୀର କନ୍ଦଳ ଏବେ ଏକ ଅଛିଣ୍ଡା ସୂତା ପରି । ଏହାର ମୁଖ୍ୟ କାରଣ ହେଲେ ମାଉଂଟବ୍ୟାଟେନ୍, ଜିନ୍ନା, ଶେଖ ଅବଦୁଲ୍ଲା ଏବଂ ସର୍ବୋପରି ପଣ୍ଡିତ ନେହରୁ । ତଥାପି ଆମେ କହିବୁ କାଶ୍ମୀର ଆମର ଥିଲା ଏବଂ ହରି ସିଂଙ୍କ ସର୍ତାନୁଯାୟୀ ଆମର ହୋଇ କାଳ କାଳକୁ ରହିଥିବ । ଭାରତ ମାତାର ଜୟ... !


# DISPLAY CLASSIFIED

FOR ADVERTISEMENT CONTACT

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)

10c.m.x 4cm: Rs. 350/- (One day)

5c.m.x 4cm: Rs. 5,000/- (One Month)

5c.m.x 4cm: Rs. 200/- (One day)

VED BHAWAN

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

Contact :

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

ADMISSION ON

MPS PLAY HOME

Where awareness nurtured, innocence blossoms.

For

PRE-NURSERY, NURSERY, L.KG. & U.KG.

N-3B-14/15, Ekamra Kanan Road, Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web : www.maharishipublicschool.com

Phagyan Communication

Mahaditya Publication

ADMISSION ON

MAHARISHI PUBLIC SCHOOL

your gateway to complete education

For

PRE-NURSERY, NURSERY, L.KG., U.KG., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web : www.maharishipublicschool.com


## ଅର୍ଦ୍ଧେନ୍ଦୁ ଦାସଙ୍କୁ ଚକ୍ରାନ୍ତ କରି ଗିରଫ ପ୍ରତିବାଦରେ ଅହୋରାତ୍ର ଧାରଣା



ବାଲେଶ୍ୱର (ପିଏନ୍)- 'ବଡ଼ ଖବର' ଚ୍ୟାନେଲର ସ୍ୱରକୁ ରାଜ୍ୟ ସରକାର ଯେଉଁଭଳି ହୀନ ଚକ୍ରାନ୍ତ କରି ଚପାଇ ଦେବାକୁ ଉଦ୍ୟମ କରିଛନ୍ତି, ତାହା ରାଜ୍ୟବାସୀ କେବେ ବି ସଫଳ ହେବାକୁ ଦେବେ ନାହିଁ। 'ବଡ଼ ଖବର' ମୁଖ୍ୟ ସମ୍ପାଦକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଚକ୍ରାନ୍ତ କରି ରାତି ଅଧରେ ଗିରଫ କରିବା, ଚତୁର୍ଥ ସ୍ତମ୍ଭକୁ ହତ୍ୟା କରିବା ସହ ସମାନ। ରାଜ୍ୟ ସରକାରଙ୍କ ଏହି ହୀନ ଚକ୍ରାନ୍ତର ଗିରଫ ପ୍ରତିବାଦରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ 'ବଡ଼ ଖବର' ପକ୍ଷରୁ ଧାରଣା ଦିଆଯାଇଥିଲା। ଏହି ଧାରଣାକୁ ସମର୍ଥନ ଜଣାଇ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସଂଗଠନ, ଜିଲ୍ଲାର ବିଭିନ୍ନ ସାମ୍ବାଦିକ ସଂଘ, ସାମାଜିକ ସଂଗଠନ, ଆଇନଜୀବୀ, ବୁଦ୍ଧିଜୀବୀ, ବିଜେପି ଓ କଂଗ୍ରେସ ମଧ ସମର୍ଥନ ଜଣାଇଥିଲେ। ବଡ଼ ଖବର ପ୍ରତିନିଧି ସଂଜୟ ଦାସ ସଭାରେ ସଭାପତିତ୍ୱ କରିବା ସହ ଅହୋରାତ୍ର ଧାରଣାରେ ବସିଥିଲେ। ଧାରଣାରେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ଓୟୁବ୍ଲୁଜେ ସଂଘ ସଭାପତି ଉଜ୍ଜଳ କର, ସନ୍ଦୀପ କୁମାର ଦାସ, ଓୟୁଜେ ସଂଘ ସଂପାଦକ ବିବେକ ଦାସ, ମନୋଜ ରାଉଳ, ବାସୁଦେବ ରାଉଳ, ସଂଜୟ ସାମଲ, କଞ୍ଚମଣି ସ୍ୱାଇଁ, ଉତ୍କଳ ସାମ୍ବାଦିକ ସଂଘ ସଭାପତି ଲୋକନାଥ ଦଳେଇ, ସୁଧାଂଶୁ ଶେଖର ବାରିକ, ସଂଜୟ ମହାଲିକ, ମାନସ କୁମାର ବେଜ, ରଘୁନାଥ ନାୟକ, ଅଜିତ ସାହୁ, ଆଶିଷ ଗିରି, ମନୋରଞ୍ଜନ ପାଣିଗ୍ରାହୀ, ଜଗତ କୁମାର ଗିରି, ନିହାର ରଞ୍ଜନ ଜେନା ପ୍ରମୁଖ ସାମ୍ବାଦିକ ସାମିଲ ହୋଇଥିଲେ। ଅନ୍ୟ ସାମାଜିକ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ, ବିଜେପି ସଦର ନେତା ମାନସ ଦ  , ଗୌରାଙ୍ଗ ଦାସ, କଂଗ୍ରେସ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ବିକାଶ ଦାସ, ଆଇନଜୀବୀ ବୈଲୋଚନ ଦାସ, ନିରଞ୍ଜନ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

## ବାଘମାରୀରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ଅନ୍ତର୍ଗତ ବାଘମାରୀ ଥାନା ଅଧିକାରୀ ଅର୍ଚ୍ଚନା ମଲ୍ଲିକଙ୍କୁ ଖୋର୍ଦ୍ଧା ମୁଖ୍ୟ କାର୍ଯ୍ୟାଳୟକୁ ବଦଳି କରାଯାଇଥିବା ବେଳେ ତାଙ୍କ ସ୍ଥାନରେ ଖୋର୍ଦ୍ଧାସ୍ଥିତ ଆଦର୍ଶ ଥାନାର ଅତିରିକ୍ତ ଅଧିକାରୀ ପ୍ରଜ୍ଞା ରିତାମ୍ବରୀ କର ବାଘମାରୀରେ ନୂତନ ଥାନା ଅଧିକାରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ଥାନୀୟ ଅଂଚଳରେ ଚୋରୀ, ଡକାୟତି, ରାହାଜାନୀ ଓ ପଥର ମାଫିଆଙ୍କ ପ୍ରତି ଦୃଷ୍ଟିଦେଇ ଆଇନ ଅନୁଯାୟୀ କଠୋର ଦଣ୍ଡ ବିଧାନ କରିବେ ବୋଲି ସେ କହିଛନ୍ତି।




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତ୍ତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତ୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ପାରଳାଖେମୁଣ୍ଡିରେ ଓୟଜେର ମହା ସମାବେଶ



ପାରଳାଖେମୁଣ୍ଡି,(ପି.ଏନ): ରାଜ୍ୟ ସରକାର ସାମ୍ବାଦିକ ଙ୍କ ଦାୟିତ୍ୱ ନେଇଛନ୍ତି । ନିକଟରେ ମୁଖ୍ୟମନ୍ତ୍ରୀ ଏହି ପ୍ରତିଶ୍ରୁତି ଦେଇଛନ୍ତି । ସଂଘର ଦାବି ଅତି ଜଥାର୍ଥ । ଏଣୁ ସରକାରଙ୍କ ସହ ଆଲୋଚ୍ନା କରି ଦାବି ଗୁଡିକର ସମାଧାନ କରାଯିବ । ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଠାରେ ଆଜି ଓଡିଶା ସାମ୍ବାଦିକ ୟୁନିଅନ ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ମହା ସମାବେଶରେ ମୁଖ୍ୟ ଅତିଥି ଭାବେ ପରିବହନ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ଓ ଅନୁସୂଚ୍ିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ପ୍ରଦୀପ ପାଣିଗ୍ରାହୀ, ବିଧାୟକ ସିଧାନ୍ତ ମହାପାତ୍ର ଓ ଦାଶରଥି ଗମାଙ୍ଗ ଏଭଳି କହିଥିଲେ । ରାଜ୍ୟ ସଭାପତି ପ୍ରଶନ ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମ ଅଧିବେଶନ ରେ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ଓ ସାଙ୍ଗଠନିକ ପ୍ରସଙ୍ଗରେ ଆଲୋଚ୍ନା ହୋଇ ଓୟୁଜେ ର ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ଏହି ସମ୍ମିଳନୀ ଉଦଘାଟନି ମଞ୍ଚରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଡିଏସପି ଚ୍ନ୍ଦ୍ର ଶେଖର ହୋତା ପ୍ରମୁଖ ଉପସ୍ଥିତ ରହି ସଂଘର ସ୍ମାରକପତ୍ର ଗ୍ରହଣ କରିଥିଲେ । ଓୟୁଜେ ଗଜପତି ୟୁନିଟ୍ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଗୀତ ନିର୍ଦ୍ଦେଶକ ରଘୁନାଥ ପାତ୍ର, ବରିଷ୍ଠ ସାମ୍ବାଦିକ ଲିଙ୍ଗରାଜ ମିଶ୍ର, ଡଃ ରଜତ କୁମାର ସେଠୀଙ୍କ ସମେତ ରାୟଗଡା ଜିଲ୍ଲା ର ସଭାପତି ରାଧାକୃଷ୍ଣ ପଟ୍ଟନାୟକ, ସମ୍ପାଦକ ରଂଜିତ ପାଢି ଓ ବରିଷ୍ଠ ସଦସ୍ୟ ରାଜେଶ ପଟ୍ଟନାୟକଙ୍କୁ ଉପଢୌକନ ଓ ମୁମେଟ । ଦ୍ୱାରା ସମ୍ବର୍ଦ୍ଧନା କରାଯାଇଥିଲା । ସମାବେଶ ପୂର୍ବରୁ ଆଜି ସକାଳେ ସଂଘର ଶତାଧିକ ସଦସ୍ୟ ସ୍ଥାନୀୟ ଗଜପତି ପ୍ୟାଲେସ୍ ଠାରୁ ବଜାର ଛକ ଯାଏଁ ଶୋଭାଯାତ୍ରା ରେ ଯାଇ ଗଜପତି ମହାରାଜାଙ୍କ ପ୍ରତିମୁର୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେଠାରେ ସାମ୍ବାଦିକ ମାନେ ସେମାନଙ୍କ ଦାବି ଗୁଡିକ ଉଲ୍ଲେଖ ଥିବା ପ୍ଲାକାର୍ଡ ଧରି ଧାରଣା ଦେଇଥାଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ସାଧାରଣ ସମ୍ପାଦକ କମ୍ବୁପାଣି ମିଶ୍ର, ଉପ ସଭାପତି ରାଜେଶ ପଟ୍ଟନାୟକ, ପ୍ରଶନ ପାଇକରାୟ, ଅଶୋକ ନନ୍ଦ, ଅମୁଲ୍ୟ ସ୍ୱାଇଁ, ଅକ୍ଷୟ ସାହୁ, ରାଜିବ ମହାନ୍ତି, ପରିକ୍ଷିତ ବିଶ୍ୱାଳ, କିଶାନ ରାଉତ, ପ୍ରଶାନ୍ତ ବେହେରା ଙ୍କ ସମେତ ଗଜପତି ଜିଲ୍ଲା ର ସଭାପତି ବସନ୍ତ ପଣ୍ଡା, କାର୍ଯ୍ୟକାରି ସଭାପତି ରୂପେଶ ସାହୁ, ସାଧାରଣ ସମ୍ପାଦକ ଆଦର୍ଶ ଦାସ, ଉପଦେଷ୍ଟା କେ. ରାମ ସ୍ୱାମୀ, ସମ୍ପାଦକ ଗିରିଧାରି ପରିଡ଼ା, ରାମ ଗୋବିନ୍ଦ ଆଚାର୍ଯ୍ୟ, ସତ୍ୟ ନାରାୟଣ ପାଢି, କେଦାରନାଥ ପାତ୍ର, ହରିହର ପଟ୍ଟନାୟକ, ବାସୁଦେବ ଦାସ ପ୍ରମୁଖ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭକ୍ତି ସଂଗୀତ ସଂସଦ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ଗାନ କରାଯାଇ ଥିଲା ।

# ବାଂଶପାଣି ରେଲସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଲ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/ ୨୦୨୦ ଦଫା ୧୪୭/୧୪୮/ ୪୫୨/୩୨୩/୩୨୫/୪୩୬/ ୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗସ୍ତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଗାନିଆଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday August 27 2024 ଭୁବନେଶ୍ୱର ମଙ୍ଗଳବାର, ଅଗଷ୍ଟ ୨୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମା'ଦକ୍ଷୀଣ କାଳୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



କେନ୍ଦ୍ରାପଡା,(ପି.ଏନ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମରେ ଅବସ୍ଥିତ ମା' ଦକ୍ଷୀଣକାଳୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମା'ଙ୍କ ମନ୍ଦିର ସନ୍ନିକଟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରେଡକ୍ରସ ରକ୍ତଭଣ୍ଡାରର କର୍ମଚାରୀମାନଙ୍କ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ୫୧ୟୁନିଟ ରକ୍ତ ସଂଗୃହିତ ହୋଇଛି। ଏହି ଶିବିରକୁ ପୂର୍ବତନ ସରପ ପ୍ରସନ୍ନ କୁମାର ମଲିକ, ଶକ୍ତି ପ୍ରସାଦ ମହାନ୍ତି, ଟ୍ରଷ୍ଟର ସଭାପତି ଯୁଗୋଳ କିଶୋର ଦାସ, ସମ୍ପାଦକ ପ୍ରବୋଧ କୁମାର ଦାସ, ଅଲେଖ ପ୍ରସାଦ ଦାସ, ଶୁଭଙ୍କର ମହାନ୍ତି, ଶିବାନୀଶଙ୍କର ନାୟକ, ଅଧିକାରୀ ସ୍ୱାଗତରଞ୍ଜନ ଦାଶ, ପ୍ରଶାନ୍ତ ରାଉତ, ଶିବପ୍ରସାଦ ଦାସ, ବିମଳାକାନ୍ତ ଚୌଧୁରୀ, ଅରବିନ୍ଦ ମହାନ୍ତି, ସୌଭାଗ୍ୟରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସସ୍ମିତା ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

## ପାରାଦୀପରେ ଡାକ୍ତର ମୌମିତାଙ୍କ ଆତ୍ମାର ସଦଗତି ପାଇଁ ମହମବତୀ ଶୋଭାଯାତ୍ରା



ପାରାଦୀପ,(ପି.ଏନ): ଡାକ୍ତରୀ ଛାତ୍ରୀ ମୌମିତା ଦେବନାଥଙ୍କୁ ଦୁଷ୍କର୍ମ ଓ ହତ୍ୟା ପ୍ରତିବାଦ ଓ ଆତ୍ମାର ସଦଗତି ନିମନ୍ତେ ପାରାଦୀପ ରେ ମୋନାଲିସା ସାହିତ୍ୟ ସଂସଦ ଓ କଳିଙ୍ଗ ମହିଳା ଶକ୍ତି ମିଳିତ ସହଯୋଗରେ ଏକ ମହମବତୀ ଶୋଭାଯାତ୍ରା ଲେଙ୍କା ଛକ ଠାରୁ ବାହାରି ଥାନା ଛକ ନିକଟରେ ପହଞ୍ଚିଥିଲା । ଡା. ମୌମିତା ଙ୍କୁ ଦୁଷ୍କର୍ମ ଓ ହତ୍ୟା ର ପ୍ରତିବାଦ କରି ଦୁଇ ସଂଗଠନର କୌଶଲ୍ୟା ମହାନ୍ତି, ଜ୍ୟୋସ୍ନା ବାହାଦୁର, ଉର୍ମିଳା ସାହୁ, ସଂଜୀବ ଦାଶ, ପୁଷ୍ପା ଦାସ, ବାସନ୍ତୀ ବିନ୍ଧାଣୀ, କଲ୍ୟାଣୀ ସ୍ୱାଇଁ, ବିଜୟ ଲକ୍ଷ୍ମୀ ଦାସ, ଉର୍ମିଳା ମହାନ୍ତି, ରବିନ୍ଦ୍ର ମଲ୍ଲିକଙ୍କ ସମେତ ବହୁ ମହିଳା ଓ ପୁରୁଷ ଏହି ଶୋଭାଯାତ୍ରା ରେ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ମୋନାଲିସା ସାହିତ୍ୟ ସଂସଦ ର ସମ୍ପାଦିକା ଓ କଳିଙ୍ଗ ମହିଳା ଶକ୍ତିର ସଭାନେତ୍ରୀ ମନୋରମା ଖଟୁଆ ପରିଚାଳନା କରିଥିଲେ ।

## ଧାମନଗର ବ୍ଲକ ଯାଦବ ମହାସଭା ପକ୍ଷରୁ ବୃକ୍ଷ ରୋପଣ ଓ ପ୍ରତିଭା ସମ୍ମାନ କର୍ଯ୍ୟକ୍ରମ



ଧାମନଗର,(ପି.ଏନ): ଧାମନଗର ବ୍ଲକ ଅନ୍ତର୍ଗତ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତ ଅଧିନ ହାଇସ୍କୁଲ୍ ପଡ଼ିଆ ପରିସରରେ ଧାମନଗର ଯାଦବ ମହାସଭା ପକ୍ଷରୁ ବୃକ୍ଷରୋପଣ ଓ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଭଗବାନ ଶ୍ରୀ କୃଷ୍ଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଧାମନଗର ଯାଦବ ମହାସଭାର ବ୍ଲକ ସଭାପତି ସୁବାଷ ଚ୍ନ୍ଦ୍ର ବାରିକ ସଭାପତିତ୍ୱ କରିଥିଲା ବେଳେ କାର୍ଯ୍ୟକାରୀ ସଭାପତି ଅନିଲ ବାରିକ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। କ୍ଷେତ୍ରବାସୀ ବାରିକ ଉଦ୍ଦେଶ୍ୟ ଜ୍ଞାପନ,ମାଧବ ଖଟୁଆ ଅତିଥି ପରିଚ଼ୟ ପ୍ରଦାନ ଓ କୁଳମଣୀ ବେହେରା ସଭା ସଞ୍ଚାଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଦବ ମହାସଭାର ଉପସଭାପତି ତଥା କୋଲକାତା ଇକୋ ବ୍ୟାଙ୍କ ଶାଖାର ଶାଖା ପ୍ରବନ୍ଧକ ଅମରେଶ ପଲାଇ ମୁଖ୍ୟ ଅତିଥି ଓ ଶିକ୍ଷାବିତ ସତ୍ୟ ସୁନ୍ଦର ପରିଡା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଚ଼ଳିତ ଶିକ୍ଷା ବର୍ଷରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଦଶମ ଶ୍ରେଣୀରେ ସର୍ବୋଚ୍ଚ଼ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୩ ଜଣ ଛାତ୍ର ଛାତ୍ରୀ ଓ ୨ଜଣ ପ୍ରକୃତି ପ୍ରେମୀଙ୍କୁ ସଙ୍ଗଠନ ପକ୍ଷରୁ ସମ୍ବର୍ଦ୍ଧନା କରଯାଇଥିଲା। ପୂର୍ବତନ ସରପଞ୍ଚ ବିଜୟ ଦାସ, ଶରତ ମାଝୀ, ସଚ଼ିକାନ୍ତ ପଣ୍ଡା. ନାରାୟଣ ଚ଼ନ୍ଦ୍ର ବେହେରା. ତ୍ରିଲୋଚ଼ନ ବେହେରା ପ୍ରତାପ ସାମଲ, ବୃନ୍ଦାବନ ମହାନ୍ତି, ଦଶରଥ ଦାସ, ନିରାକାର ଧଳ, ଅଭିମନ୍ୟୁ ମଲ୍ଲିକ, ବାବାଜୀ ନାଥ, ତପନ କୁମାର ବେହେରା, ଇଞ୍ଜିନିୟର ଲୋକନାଥ ନାୟକ, ରାଜୀବ ଦାସ, ମାନଗୋବିନ୍ଦ ଦାସ ପ୍ରମୁଖ ମଞ୍ଚାସିନ ଥିଲେ। ଶେଷରେ ସଭ୍ୟ ସୁଦାମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ହୁରାସାହି କୋରୁଆ ରାସ୍ତା ଖାଲଖମାରେ ପୂର୍ଣ୍ଣ : ମରାମତି ପାଇଁ ଜିଲ୍ଲାପାଳଙ୍କୁ ଗୁହାରିକଲେ ଅ ଳବାସୀ





କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ଗ୍ରାମପ ।ୟତର ହୁରାସାହି- କୋରୁଆ ଭାୟା ମାହାଳ ରାସ୍ତାଟି ଖାଲଖମାରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ସେହି ରାସ୍ତାଦେଇ ଯିବାଆସିବା କରୁଥିବା ସ୍ଥାନୀୟ ୧୦ଟି ପ ।ୟତର ଅ ଳବାସୀଙ୍କ ସମେତ ବାଟୋଇମାନେ ନାହିଁନଥିବା ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ପାଇଁ ଅ ଳବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଅ ଳବାସୀ କହିଛନ୍ତି ବଙ୍ଗାଳପୁର, ସାନଅଢଙ୍ଗା, ଓଢଙ୍ଗା, କଳାବୁଦା, ତଳକୁସୁମା, ତିକନପୁର, ବଡବେତରା, ମଧୁ ପ୍ରଭୃତି ଗ୍ରାମପ ।ୟତର ଲୋକମାନେ ଏହି ରାସ୍ତା ଦେଇ ଚାନ୍ଦୋଳକୁ ଯାଇ ସେଠାରୁ କଟକ ଓ ଭୁବନେଶ୍ୱର ପ୍ରଭୃତି ସ୍ଥାନକୁ ଯାଇଥାନ୍ତି। ସେହିପରି ଏହି ରାସ୍ତାଦେଇ କେନ୍ଦ୍ରାପଡା ସଦର ମହକୁମାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଆସିଥାନ୍ତି। କିନ୍ତୁ ଏହି ରାସ୍ତାର ଅବସ୍ଥା ସଂଗୀନ ହୋଇପଡିବାରୁ ଲୋକମାନେ ଯିବାଆସିବା କରିବାରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖାଲଖମା ଯୋଗୁଁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣାମାନ ଘଟୁଛି। ଏହାଦ୍ୱାରା ଲୋକେ ଆହତ ହେଉଛନ୍ତି। ବିଶେଷ କରି ସ୍କୁଲ ପିଲାମାନେ ଯିବାଆସିବା କରିବାରେ ହଇରାଣ ହରକତ ହେଉଛନ୍ତି। ସେହିପରି ବିଭିନ୍ନ ଗ୍ରାମର ବରିଷ୍ଠ ନାଗରିକମାନେ ମଧ୍ୟ ସାଇକେଲ କିମ୍ବା ବାଇକରେ ଯିବାଆସିବା କରିବାକୁ ସୁରକ୍ଷିତ ମନେକରୁ ନାହାନ୍ତି। କାରଣ ଏହି ରାସ୍ତାରେ ଥିବା ଖାଲଖମାରେ ଗାଡି ଚକା ପଡି ଗାଡି ନିୟନ୍ତ୍ରଣ ହରାଉଛି। ଫଳରେ ବରିଷ୍ଠ ନାଗରିକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ସାଇକେଲରେ ଯାଉଥିବା ବରିଷ୍ଠ ନାଗରିକ କୁଳମଣୀ ଦାସ କୁହନ୍ତି ରାସ୍ତା ଖାଲଖମା ନେଇ ଆମେ ସ୍ଥାନୀୟ ନେତା ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ହେଲେ ଏହାର ପ୍ରତିକାର ବ୍ୟବସ୍ଥା ନା ନେତା ନା ଅଧିକାରୀ କେହି କରିପାରୁନାହାନ୍ତି। ଫଳରେ ଆମେ ଦୁର୍ଘଟଣାର ଶିକାର ହେଉଛୁ। ଯୁଦ୍ଧକାଳିନ ଭି ିରେ ଏହି ରାସ୍ତା ମରାମତି କରାଯିବା ଉଚିତ। ଏହା ନହେଲେ ଆଗାମୀ ଦିନରେ ଦୁର୍ଘଟଣା ବୃଦ୍ଧି ପାଇବ।

## ପାରାଦୀପ ପୌରପାଳିକା ପକ୍ଷରୁ ବେଳାଭୂମି ସଫେଇ



ପାରାଦୀପ,(ପି.ଏନ): ସ୍ଥାନୀୟ ସ୍ୱାୟତ ଶାସନ ଦିବସ ପାଳନ ଅବ୍ୟବାହିତ ପୂର୍ବରୁ ପାରାଦୀପ ପୌର ପାଳିକା ପକ୍ଷରୁ ଶନିବାର ଦିନ ସକାଳେ ପାରାଦୀପ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପାରାଦୀପ ନଗରପାଳ ବସନ୍ତ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ପାରାଦୀପ ପୌର ପରିଷଦର ପାରିଷଦମାନେ ଏବଂ ପାରାଦୀପର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସାମିଲ ହୋଇ ପାରାଦୀପ ସାଗର ବେଳାଭୂମି ସଫେଇ କରିଥିଲେ। ସଂଗୃହୀତ ଅଳିଆ ଗୁଡିକୁ ପୌର ପାଳିକାର ସଫେଇ କର୍ମଚାରୀମାନେ ଅଳିଆ ପୃଥକୀକରଣ କେନ୍ଦ୍ରକୁ ନେଇଥିଲେ । ଏହି ଅବସରରେ ଆୟୋଜିତ ସମାବେଶରେ ଯୋଗ ଦେଇଥିବା ସ୍ୱେଚ୍ଛାସେବୀମାନଙ୍କୁ ପାରାଦୀପ ଅନ୍ତେବାସୀଙ୍କୁ ଏଣେତେଣେ ଅଳିଆ ନପକେଇ ନିର୍ଦ୍ଧାରିତ ସ୍ଥାନରେ ରଖିବା ସହିତ ଘରକୁ ଘର ବୁଲି ଅଳିଆ ସଂଗ୍ରହ ଗାଡିରେ ପକାଇବାକୁ ପରାମର୍ଶ ଦେଇଥିଲେ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା । ପାରାଦୀପର ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଗୁଡିକ ଏହି କାର୍ଯ୍ୟରେ ସାମିଲ ହୋଇ ପାରାଦୀପର ପରିବେଶ ସୁରକ୍ଷା ଦିଗରେ ସହାୟକ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ନଗରପାଳ ବସନ୍ତ ବିଶ୍ୱାଳ ।

## ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଜାତୀୟ ମହାକାଶ ଦିବସ ପାଳିତ

ପାରାଦୀପ,(ପି.ଏନ):୨୦୨୩ ମସିହା ଅଗଷ୍ଟ ମାସ ୨୩ ତାରିଖ ଦିନ ଭାରତର ଚନ୍ଦ୍ରାୟନ-୩ ସଫଳତାର ସହିତ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା। ବିଶ୍ୱର ୪ର୍ଥ ଦେଶ ଭାବେ ଭାରତ ମହାକାଶରେ ପାଦ ଥାପି ଥିଲା। ଏହା ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ଦେଶ ଭାବେ ପ୍ରତିପାଦିତ କରିଥିଲା। ଦକ୍ଷିଣ ମେରୁରେ ପାଦ ରଖିବାରେ ଭାରତ ପ୍ରଥମ ଦେଶ ହୋଇ ପାରିଥିଲା । ଏହି ଦିନକୁ ଭାରତର ପ୍ରଧାନମନ୍ତ୍ରୀ ଜାତୀୟ ମହାକାଶ ଦିବସ ଭାବେ ଘୋଷଣା କରିଥିଲେ। ଏହି ସଫଳତାରେ ସାମିଲ ହୋଇଛି ପାରାଦୀପ ବନ୍ଦର। ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଏହି ଦିବସ ପାଳନ ଅବସରରେ ସ୍ଥାନୀୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ରଚନା, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଭି ପଏ କେ.ଜି.ସ୍କୁଲର ଛାତ୍ରଛାତ୍ରୀମାନେ କୌତୁକ ପୋଷାକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବନ୍ଦର ସଚୀବ ୟୁ.ଆର୍. ମୋହନରାଜୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ । ପାରାଦୀପର କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟ ମହାକାଶ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଆଗ୍ରହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ସୁ-ଲେଖିକା ଲୋପାମୁଦ୍ରା ଜେନାଙ୍କୁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ



ଭୁବନେଶ୍ୱର,(ପି.ଏନ): ଶ୍ରୀମତୀ ଲୋପାମୁଦ୍ରା ଜେନା ଜଣେ ସୁ-ଲେଖିକା ଏବଂ କବୟିତ୍ରୀ ଭାବରେ ଗତ ୧୦-୦୮-୨୦୨୪ ରିଖରେ ଭାରତ ସରକାରଙ୍କ ଅନୁମୋଦିତ Legendary peace award council ତରଫରୁ 'ନୂଆ ଦିଲ୍ଲୀଠାରେ' 'ଡକ୍ଟରେଟ୍' ଉପାଧିରେ ସମ୍ମାନିତ କରାଯାଇ ଅଛି। ଶ୍ରୀମତୀ ଜେନା ଯାଜପୁର ଜିଲ୍ଲା, ବରୀ ଥାନା ଅନ୍ତର୍ଗତ କମ୍ପଗଡ ଗ୍ରାମର ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଉଚ୍ଚ ପଦସ୍ଥ ଅଧିକାରୀ ଶ୍ରୀଯୁକ୍ତ ଉତ୍ତମ ଜେନାଙ୍କ ସହଧର୍ମିଣୀ। ପିତା, ନାଥପୁର, ବରୀର ଜଣେ ବିଶିଷ୍ଟ ଶିକ୍ଷାବିତ୍ ତଥା ସାହିତ୍ୟିକ ଶ୍ରୀଯୁକ୍ତ ବ୍ରଜ ମୋହନ ସାମଲ ଏବଂ ମାତା ସେବାଶ୍ରୀ ସାମଲଙ୍କ ଜେଷ୍ଠା କନ୍ୟା। ଶ୍ରୀମତୀ ଜେନାଙ୍କର ଅନେକ ଗଳ୍ପ ଓ କବିତା ମଧ୍ୟରୁ ନିଷିଦ୍ଧ କୋଠରୀ, ହୃଦୟର ବେଳାଭୂମି, ନଈ ଓ ନାରୀ ଏବଂ ଅନ୍ୟାନ୍ୟ ବହି ଗୁଡ଼ିକ ବିଶେଷ ଆଦୃତି ଲାଭ କରିଛି। ବିଭିନ୍ନ ରାଜ୍ୟରୁ କଳା ଓ ସାହିତ୍ୟର ପୂଜାରୀ ମାନଙ୍କୁ ସମ୍ମାନିତ କରାଯିବା ବେଳେ ଆମ ଓଡ଼ିଶା ପାଇଁ ଶ୍ରୀମତୀ ଜେନା ସମ୍ବର୍ଦ୍ଧିତ ହୋଇ ଅଞ୍ଚଳବାସୀ, ପାଠକ ବୃନ୍ଦ ତଥା ଶୁଭେଚ୍ଛୁ ମାନଙ୍କ ପାଇଁ ଗର୍ବ ଓ ଗୌରବ ପାଲଟିଛନ୍ତି।

## ଏନଏଚ୍-୫୫ର ଆଠମଲ୍ଲିକ ବିଧାନସଭା ଅନ୍ତର୍ଗତ ବଇଣ୍ଡା ଓ ନାକଚି ସେକ୍ସନ ପ୍ରକଳ୍ପର ଅଗ୍ରଗତି କାର୍ଯ୍ୟ ଦେଖିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଆଠମଲ୍ଲିକ,(ପି.ଏନ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅନୁଗୋଳ ଜିଲ୍ଲା ଆଠମଲ୍ଲିକକୁ ଏକ ସରକାରୀ କାର୍ଯ୍ୟକ୍ରମକୁ ଯୋଗଦେବାକୁ ଯିବା ସମୟରେ ଏନଏଚ-୫୫ ନମ୍ବର ସହ ସଂଯୋଗ ହୋଇଥିବା ବଇଣ୍ଡା ସେକ୍ସନ ଓ ନାକଚି ଠାରେ ଜାତୀୟ ରାଜପଥ କାର୍ଯ୍ୟର ଅଗ୍ରଗତି ନେଇ ଏନଏଚ୍ଏଆଇ ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତିଯେ ଅନୁଗୋଳ-ସମ୍ବଲପୁର ଜାତୀୟ ରାଜପଥ-୫୫ ନମ୍ବର ସହ ସଂଯୋଗ ହୋଇଥିବା ବଇଣ୍ଡା ସେକ୍ସନରେ ନିର୍ମାଣାଧୀନ ଓଭରବ୍ରିଜ କାମ ଚାଲୁ ରହିଛି । ଏହା ସମ୍ପୂର୍ଣ୍ଣ ହେବା ପରେ ତଳେ ଅଣ୍ଡରପାସରେ ଗୋଟିଏ ସ୍ଥାନ ପରିବର୍ତ୍ତେ ଦୁଇଟି ସ୍ଥାନ୍ କରିବା ପାଇଁ ଲୋକଙ୍କ ଅପେକ୍ଷା ରହିଛି । ଆଠମଲ୍ଲିକ ଧୀରେ ଧୀରେ ଗୋଟିଏ ସହରକୁ ରୂପ ନେଉଛି । ଦୁଇଟି ସ୍ଥାନ ହେଲେ ଭବିଷ୍ୟତ ପାଇଁ କାମରେ ଆସିବ । ସେହିପରି ନାକଚି ଠାରେ ଜାତୀୟ ରାଜପଥ କାର୍ଯ୍ୟ ମଧ୍ୟ ଜାରି ରହିଛି । ଜନସାଧାରଣଙ୍କ ସୁବିଧା ତଥା ସେମାନଙ୍କ ଯାତାୟତକୁ ସୁଗମ କରିବା ପାଇଁ ଏହି ଦୁଇଟି ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବାକୁ ଏନଏଚ୍ଏଆଇର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ହୋଇଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,

Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray